

Odia Daily

www.theutkalsamachar.com

# ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



+Vol - 22+ Issue No:64+26 June 2026 (Friday) + Rourkela + Rs.2.00 + Page -1 +୨୨ ବର୍ଷ +ସଂଖ୍ୟା:୬୪+୨୬ ଜୁନ୍ ୨୦୨୬ (ଶୁକ୍ରବାର)+ ରାଉରକେଲା +ମୂଲ୍ୟ:ଟ.୨.୦୦+ ପୃଷ୍ଠା-୬


## ମହାରାଷ୍ଟ୍ର ରାଜନୀତିରେ ଝଡ:

# ଉଦ୍ଧବଙ୍କ ବୈଠକରେ ୨୩ ବିଧାୟକ ଗାଏବ, ଆସିଲେନି ଶରଦ ପାୱାର



ମୁମ୍ବାଇ,୨୫।୬: ମହାରାଷ୍ଟ୍ର ରାଜନୀତିରେ ବଡ଼ ଧରଣର ଭୂକମ୍ପ । ମହା ବିକାଶ ଅଘାଡି ମେଟଂରେ ସବୁକିଛି ଠିକ୍ ଚାଲିନି । ବୁଧବାର ସନ୍ଧ୍ୟାରେ ଡକାଯାଇଥିବା ମେଟଂର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ୬୦ ରୁ ୨୩ ବିଧାୟକ ଅନୁପସ୍ଥିତ ଥିଲେ । ସବୁଠାରୁ ବଡ଼ କଥା ହେଲା ବିଧାୟକଙ୍କ ବ୍ୟତୀତ ଏଥିରେ ଶରଦ ପାୱାରଙ୍କ ଭଳି ନେତା ବି ଅନୁପସ୍ଥିତ ଥିଲେ । ନିକଟରେ ଉଦ୍ଧବଙ୍କ ଗୋଷ୍ଠୀର ୬ ସାଂସଦ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହେବା ପରେ ଏତେ ସଂଖ୍ୟାକ ବିଧାକୟଙ୍କ ଅନୁପସ୍ଥିତି ମେଟଂର ଭବିଷ୍ୟତ ଉପରେ ପ୍ରଶ୍ନ ସୃଷ୍ଟି କରିଛି । ଏହି ଖରାପ ସମୟରେ ଉଦ୍ଧବ ଠାକରେଙ୍କ କଷ୍ଟ ମଧ୍ୟ ଦେଖିବାକୁ ମିଳିଛି । ସେ ପଚାରିଛନ୍ତି, କ'ଣ ଆମେ ସତରେ ଏକାଠି ଅଛୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକ ମୁଖ୍ୟ ଭାବରେ ମୌସୁମୀ ଅଧିବେଶନ ପାଇଁ ରଣନୀତି ପ୍ରସ୍ତୁତ କରିବା ଉଦେଶ୍ୟରେ ଡକାଯାଇଥିଲା, କିନ୍ତୁ ଏଥିରେ କୌଣସି ବଡ଼ ନେତା ପହଁଚିଁ ନଥିଲେ । ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି)ର ମୁଖିଆ ଶରଦ ପାୱାର ଓ ତାଙ୍କର ବରିଷ୍ଠ ନେତା ଜୟନ୍ତ ପାଟିଲ ଏହି ବୈଠକରେ ଉପସ୍ଥିତ ନଥିଲେ । କୁହାଯାଉଛି ଯେ, ସେ ବ୍ୟକ୍ତିଗତ କାରଣ ଯୋଗୁଁ ଉପଲବ୍ଧ ନଥିଲେ । କଂଗ୍ରେସ ନେତା ନାନା ପଟୋଲ ଓ ବିଜୟ ନାମଦେବରାଓ ୱାଡେଟିୱାର ମଧ୍ୟ ବୈଠକରେ ଗାଏବ ଥିଲେ । ୱାଡେଟିୱାରଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ଯେ, ସେ ଅସୁସ୍ଥ ଅଛନ୍ତି । ତେବେ କଂଗ୍ରେସର ପ୍ରଦେଶ ଅଧ୍ୟକ୍ଷ ହର୍ଷବର୍ଦ୍ଧନ ସପକାଳ ଓ ଠାକରେଙ୍କ ଗୋଷ୍ଠୀର ସଙ୍କଟମୋଚକ ସଂଜୟ ରାଓ୍ତ ଏହି ବୈଠକରେ ଉପସ୍ଥିତ ଥିଲେ । ଗତ ସପ୍ତାହରେ ଶିବସେନାର ୬ ସାଂସଦ ବିଦ୍ରୋହ କରି ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ଯୋଗ ଦେଇଥିଲେ । ୪ ବର୍ଷରେ ଦ୍ୱିତୀୟ ଥର ନିଜ ପାର୍ଟି ଭାଙ୍ଗିବାର କଷ୍ଟରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ବେ ?ଠକରେ ନିଜ ହତାଶା ପ୍ରକାଶ କରିଛନ୍ତି । ସେ ମେଟଂର ନେତାଙ୍କୁ ପଚାରିଛନ୍ତି, କ'ଣ ଆମେ ସତରେ ଏକାଠି ଅଛୁ ? ବିଦ୍ରୋହୀ ସାଂସଦଙ୍କ ବିଷୟରେ କହି ଉଦ୍ଧବ କହିଛନ୍ତି, ଆମକୁ ସେହି ଲୋକଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଦରକାର, ଯେଉଁମାନେ ଆମ ସହ ଅଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ, ଯେଉଁମାନେ ଚାଲିଯାଇଛନ୍ତି, ତାଙ୍କୁ ଯିବାକୁ ଦିଅ ।' ଠାକରେ ଏକଜୁଟତା ଉପରେ ପ୍ରଶ୍ନ ଉଠାଇ କହିଛନ୍ତି, ଆମେ କହୁଛୁ ଆମେ ଏକାଠି ଅଛୁ, କିନ୍ତୁ କ'ଣ ଆମେ ଗୃହରେ ମହା ବିକାଶ ଅଘାଡି ରୂପରେ ଏକାଠି ଅଛୁ ? କ'ଣ ଆମେ ଏକାଠି ମିଶି ପ୍ରସଙ୍ଗ ଉଠାଉଛୁ ? ରିପୋର୍ଟ ଅନୁସାରେ, ଏହି ବୈଠକରେ ୬ ବିଦ୍ରୋହୀ ସାଂସଦଙ୍କ ଉପରେ କୌଣସି ପ୍ରକାର ଚର୍ଚ୍ଚା ହୋଇନଥିଲା । ଏହି ବୈଠକ ମୁଖ୍ୟ ଭାବରେ ତିନି ଦିନ ପୂର୍ବରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନ୍ ?ର ରଣନୀତି ତିଆରି କରିବା ପାଇଁ ଡକାଯାଇଥିଲା । କିନ୍ତୁ ସାଂସଦଙ୍କ ବିଦ୍ରୋହର ତୁରନ୍ତ ପରେ ହୋଇଥିବା ଏହି ବୈଠକରେ ବିଧାୟକଙ୍କ ଅନୁପସ୍ଥିତିକୁ ମେଟଂ ଏକତାର 'ଟେଷ୍ଟ'ରେ ଫେଲ୍ ଭାବରେ ଦେଖାଯାଉଛି । ନଭେମ୍ବର ୨୦୧୯ ରେ ଏମଭିଏ ମେଟଂ ତିଆରି ହୋଇଥିଲା । ଏବେ ଏହାର ସ୍ଥିରତା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି । ୭ ବର୍ଷରେ ତିନୋଟି ବଡ ନିର୍ବାଚନ ଓ ବହୁ ବିଦ୍ରୋହର ସାମନା କରିବା ପରେ ବି ଏହି ମେଟଂ ରହିଛି । ଜୁନ୍ ୨୦୨୨ ରେ ଶିବସେନାରେ ହୋଇଥିବା ବିଦ୍ରୋହ ପରେ, ଠିକ୍ ସେଭଳି ଜୁନ୍ ୨୦୨୩ ରେ ଏନ୍‌ସିପିରେ ମଧ୍ୟ ବିଭାଜନ ହୋଇଥିଲା । କଂଗ୍ରେସ-ଏନସିପି ଓ କଟ୍ଟର ହିନ୍ଦୁତ୍ୱ ଥିବା ଶିବସେନା ଏକାଠି ଆସିବା ଆଲୋଚନା ସବୁବେଳେ 'ଅବସରବାଦୀ ରାଜନୀତି' ବୋଲି କୁହାଯାଉଥିଲା । ବହୁ ରାଜନୈତିକ ବିଶ୍ଳେଷକଙ୍କ ମତରେ ଲଗାତାର ହେଉଥିବା ବିଦ୍ରୋହ ପରେ ଏବେ ବିଧାୟକଙ୍କ ଦୂରତ୍ୱର ସଙ୍କେତ ଦେଉଛି ଯେ, ଏମ୍‌ଭିଏ ମେଟଂ ନିଜର ଶେଷ ସମୟ ଦେଇ ଗତି କରୁଛି । ଗତ ସପ୍ତାହରେ ଶିବସେନାର ୬ ସାଂସଦ ବିଦ୍ରୋହ କରି ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ଯୋଗ ଦେଇଥିଲେ । ୪ ବର୍ଷରେ ଦ୍ୱିତୀୟ ଥର ନିଜ ପାର୍ଟି ଭାଙ୍ଗିବାର କଷ୍ଟରେ ଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେ ବୈଠକରେ ନିଜ ହତାଶା ପ୍ରକାଶ କରିଛନ୍ତି ।

## କେବଳ ପରମାଣୁ ବୋମା ଆମକୁ ବିଶ୍ୱଯୁଦ୍ଧରୁ ରକ୍ଷା କରିପାରିବ:

# ପରମାଣୁ ଅସ୍ତ୍ର ନେଇ ରୁଷର ବଡ଼ ମନ୍ତବ୍ୟ ବଢ଼ାଇଲା ଟ୍ରମ୍ପଙ୍କ ଚିନ୍ତା



ମସ୍କୋ,୨୫/୬: ରୁଷ ଏହାର ପରମାଣୁ ଅସ୍ତ୍ର ବିସ୍ତାର ସପକ୍ଷରେ ଏକ ବିବୃତି ଜାରି କରିଛି । ଅନେକ ଦେଶ ମଧ୍ୟରେ ପରମାଣୁ ଅସ୍ତ୍ର ପ୍ରତିଯୋଗିତାର ଭୟ ମଧ୍ୟରେ ଏକ ବିବୃତିରେ, କ୍ରେମଲିନ୍ ମୁଖପାତ୍ର ପରମାଣୁ ଅସ୍ତ୍ରକୁ ଅନ୍ୟ ଏକ ବିଶ୍ୱ ଯୁଦ୍ଧର ବିପଦକୁ ରୋକିବାର ଏକମାତ୍ର ଉପାୟ ବୋଲି କହିଛନ୍ତି । ରୁଷର ଏହି ମତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ମସ୍କୋରେ ଏକ ବୈଦେଶିକ ନୀତିଫୋରମରେ ଭାଷଣ ଦେଇ କ୍ରେମଲିନ୍ର ମୁଖପାତ୍ର ଦିମିତ୍ରୀ ପେସକୋଭ୍ କହିଛନ୍ତି ଯେ, ବିଶ୍ୱ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହେଉଛି । ଆଜି ସତ୍ୟ ହେଉଛି ଯେ ପରମାଣୁ ପ୍ରତିରୋଧ ବ୍ୟତୀତ ଏହି ବିଶ୍ୱରେ ଆମର ଆଉ କିଛି ନାହିଁ । ପରମାଣୁ ଅସ୍ତ୍ର ହେଉଛି ଏକମାତ୍ର ଜିନିଷ ଯାହା ବିଶ୍ୱକୁ ଏକ ବିଶ୍ୱ ଯୁଦ୍ଧରୁ ରକ୍ଷା କରିପାରିବ । ଦିମିତ୍ରୀ ପେସକୋଭ କହିଛନ୍ତି ଯେ, ନୂତନ ପ୍ରଯୁକ୍ତିବିଦ୍ୟା ନୂତନ ପ୍ରକାରର ଅଣ-ପରମାଣୁ ଅସ୍ତ୍ରର ଉତ୍ଥାନକୁ ନେଇଯିବ, ଯାହା ବିନାଶକାରୀ ଶକ୍ତିରେ ପରମାଣୁ ଅସ୍ତ୍ରର ମଧ୍ୟ ମୁକାବିଲା କରିପାରେ । ଆମେରିକା ଚୀନ୍‌ର ବର୍ଦ୍ଧିତ ପରମାଣୁ ଅସ୍ତ୍ରାଗାର ଏବଂ ଇରାନର ବୋମା ବିକଶିତ କରିବାର ସମ୍ଭାବନା ନେଇ ବିବୃତି ମଧ୍ୟ ଜାରି ରହିଛି ବୋଲି ସେ କହିଛନ୍ତି । ତେବେ କ୍ରେମଲିନ୍ ମୁଖପାତ୍ର କୌଣସି ଦେଶର ନାମ ନେଇ ନାହାନ୍ତି । ୟୁକ୍ରେନ ସହିତ ଚାରି ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧ ସମୟରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ବାରମ୍ବାର ପରମାଣୁ ଅସ୍ତ୍ର ସମ୍ପର୍କରେ ମନ୍ତବ୍ୟ ଦେଇଛନ୍ତି । ୟୁରୋପ ଏବଂ ଆମେରିକା ତାଙ୍କ ବିରୋଧରେ ଦାୟିତ୍ୱହୀନ ଭାବରେ ପରମାଣୁ ଧମକ ଦେଉଥିବାର ଅଭିଯୋଗ କରିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ନୂତନ ଚୁକ୍ତି ପାଇଁ ଚାପ ପକାଉଛନ୍ତି ଯେଉଁଥିରେ ଚୀନ୍ ମଧ୍ୟ ସାମିଲ ହେବ । ତେବେ ଚୀନ୍ ଏହାକୁ ସର୍ବସାଧାରଣରେ ପ୍ରତ୍ୟାଖ୍ୟାନ କରିଛି । ସାମ୍ପ୍ରତିକ ସମୟରେ ବିଶ୍ୱ ସୁରକ୍ଷା ବ୍ୟବସ୍ଥା ଦୁର୍ବଳ ହୋଇଛି । ବର୍ତ୍ତମାନ, ବିଶ୍ୱ ପାଖରେ ପରମାଣୁ ପ୍ରତିରୋଧକ ଶକ୍ତି ବ୍ୟତୀତ ଆଉ କିଛି ନାହିଁ । ପ୍ରଯୁକ୍ତିବିଦ୍ୟା ଆଗକୁ ବଢ଼ିବା ସହିତ, ଏହା ସ୍ପଷ୍ଟ ଯେ ନୂତନ ପ୍ରକାରର ଅଣ-ପରମାଣୁ ଅସ୍ତ୍ର ଉଭା ହେବ, ଯାହା ସମ୍ଭାବ୍ୟ ଭାବରେ ବିନାଶକାରୀ ଶକ୍ତି ପରମାଣୁ ଅସ୍ତ୍ରର ପ୍ରତିଦ୍ୱନ୍ଦ୍ୱୀ ପାଲଟିବ ବୋଲି ସେ ଚେତାବନୀ ଦେଇଛନ୍ତି ।

# ପ୍ରବଳ ବର୍ଷାରେ ମୁମ୍ବଇ ଜଳବନ୍ଦୀ



ମୁମ୍ବଇ,୨୫/୬: ପ୍ରବଳ ବର୍ଷାରେ ମୁମ୍ବଇ ମହାନଗରର ସ୍ଥିତି ବେହାଲ ହୋଇଯାଇଛି । ମଙ୍ଗଳବାର ରାତିରୁ ବୁଧବାର ପର୍ଯ୍ୟନ୍ତ ବର୍ଷା ଜାରି ଯୋଗୁଁ ବିଭିନ୍ନ ରାସ୍ତା, ଗଳିକନ୍ଦି ଜଳମଗ୍ନ ହୋଇ ଯାତାୟାତ ପ୍ରଭାବିତ ହୋଇଥିଲା । ଅନେକ ରାସ୍ତାରେ ଆଣ୍ଠୁଏ ଉଚ୍ଚରେ ପାଣି ପ୍ରବାହିତ ହେଉଥିଲା । ମୁମ୍ବଇ ମହାନଗର ନିଗମ ଅଂଚଳର କିଛି ସ୍ଥାନରେ ରାତି ସାରା ପ୍ରବଳ ବର୍ଷା ଜାରି ରହିଥିଲା । ଭାରତୀୟ ପାଣିପାଗ ବିଭାଗ (ଆଇଏମ୍ ?ଡି) ବୁଧବାର ସକାଳ ୪ଟାରେ ମୁମ୍ବଇ ଓ ପାଲଘର ପାଇଁ ରେଡ୍ ଆଲର୍ଟ ଜାରି କରିଥିଲା । ସକାଳ ୭ ଟା ସୁଦ୍ଧା ଏହି ଅଂଚଳରେ ପ୍ରବଳ ଝଡ଼ବର୍ଷା, ବଜ୍ରପାତ, ଅତି ପ୍ରବଳ ବର୍ଷା ଓ ୪୦-୬୦ କିଲୋମିଟର ବେଗରେ ପବନ ବହିବାର ଚେତାବନୀ ଦିଆଯାଇଥିଲା । ସକାଳେ ୭ଟା ପରେ ମୁମ୍ବଇ, ଥାଣେ, ରାୟଗଡ଼, ପାଲଘର ଓ ସିନ୍ଧୁଦୁର୍ଗ ପାଇଁ ମଧ୍ୟମରୁ ଅତି ତୀବ୍ର ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିଲା । ବୁଧବାର ସକାଳେ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଯାଇଥିଲା । ଅନେକ ଗାଡ଼ି ଆଗକୁ ଯାଇ ନପାରି ମଝି ରାସ୍ତାରେ ଅଟକି ରହିଥିଲା । ମୁମ୍ବଇର ମାଟୁଙ୍ଗା ଅଂଚଳର କିଙ୍ଗସ୍ ସର୍କଲର ପାଣି ଜମି ରହିଥିବା ରାସ୍ତାରେ ଟ୍ରକ୍ ଓ ଅନ୍ୟାନ୍ୟ ଯାନବାହନ ଯାଉଥିବାର ଦେଖାଯାଉଛି । ବୁଧବାର ସକାଳେ ଦାଦରର ହିନ୍ଦୁ କଲୋନୀର

# ବିଜୁ ଜନତା ଦଳରେ ମିଶିଲେ ସୁଜାତା କାର୍ତ୍ତିକେୟନ



ଭୁବନେଶ୍ୱର,୨୫/୬(ନି/ପ୍ର): ଶେଷରେ ସବୁ ଚର୍ଚ୍ଚାର ଅବସାନ ହୋଇଛି । ଆଜି ବିଜେଡି ସୁପ୍ରିମୋ ନବୀନଙ୍କ ଉପସ୍ଥିତିରେ ପୂର୍ବତନ ପ୍ରଶାସିକା ସୁଜାତା କାର୍ତ୍ତିକେୟନ ବିଜେଡିରେ ସାମିଲ ହୋଇଛନ୍ତି । ବାସ୍ତବରେ ବହୁତ ଦିନ ଧରି ସୁଜାତା ବିଜେଡିରେ ମିଶିବେ ବୋଲି ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର ଧରିଥିଲା । ସୁଜାତା କାର୍ତ୍ତିକେୟନ ବିଜେଡିରେ ମିଶିବା ପରେ ବଡ଼ ବୟାନ ରଖିଲେ ନବୀନ ପଟ୍ଟନାୟକ । କହିଲେ, ସୁଜାତା ଜଣେ ସାଧାରଣ କର୍ମୀ ଭାବେ ଦଳରେ ମିଶିଲେ । ଆସନ୍ତା ନିର୍ବାଚନରେ ମୁଁହିଁ ବିଜେଡିର ନେତୃତ୍ୱ ନେବି । ଉଲ୍ଲେଖ ଥାଉ କି, ଭିକେ ପାଣ୍ଡିଆନଙ୍କ ପତ୍ନୀ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଜାତା କାର୍ନ୍ତିକେୟନଙ୍କୁ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଆଜି ନବୀନ ବିଜେଡିର ସଦସ୍ୟତା ପ୍ରଦାନ କରିଥିଲେ । ଏହି ସମୟରେ ବିଜେଡିର ବିଧାୟକମାନଙ୍କ ସହ ରାଜ୍ୟସଭା ସାଂସଦ, ପୂର୍ବତନ ବିଧାୟକ ଓ ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ । ନବୀନ ବାବୁଙ୍କ ନେତୃତ୍ୱରେ ଓଡିଶାବାସୀଙ୍କ ସେବା କରିବି ।

## ଟ୍ରମ୍ପଙ୍କୁ ବଡ଼ ଝଟକା :

# ସଂସଦରେ ଯୁଦ୍ଧ ରୋକିବାକୁ ପ୍ରସ୍ତାବ ପାରିତ



ନୂଆଦିଲ୍ଲୀ,୨୫/୬:ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇନାର ନୀତିକୁ ନେଇ ଆମେରିକାରେ ପୁଣି ବିବାଦ ଦେଖାଦେଇଛି । ଆମେରିକା ସିନେଟ୍ ଟ୍ରମ୍ପ ପ୍ରଶାସନକୁ ଇରାନ ବିରୋଧରେ ସୈନ୍ୟ ଅଭିଯାନକୁ ସମାପ୍ତ କରିବାକୁ ଦାବି କରି ପ୍ରସ୍ତାବ ପାରିତ କରିଛି । ଏହା ଟ୍ରମ୍ପଙ୍କୁ ଏକ ବଡ଼ ରାଜନୈତିକ ଝଟକା ଦେଇ ଦେଶର ସଂସଦ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ପ୍ରସ୍ତାବ ପାରିତ କରିଛି । ପୂର୍ବରୁ ପ୍ରତିନିଧି ସଭାରେ ପାସ୍ ହୋଇଥିବା ଏହି ପ୍ରସ୍ତାବକୁ ଗତକାଲି ସିନେଟ୍ ମଧ୍ୟ ଅନୁମୋଦନ ପ୍ରଦାନ କରିଛି । ତେବେ ଟ୍ରମ୍ପ ସଂସଦର ଏହି ଆଦେଶକୁ ସମାଲୋଚନା କରିବା ସହିତ ଏହାକୁ ମାନିବା ଲାଗି ସେ ବାଧ୍ୟ ନୁହଁନ୍ତି ବୋଲି କହିଛନ୍ତି ।

## ମଧୁବାବୁ ପେନ୍‌ସନ୍ ଯୋଜନା : ସାମିଲ ହେବେ ଆଉ ୬ ଲକ୍ଷ

# ମୁଖ୍ୟମନ୍ତ୍ରୀ-କେନ୍ଦ୍ରମନ୍ତ୍ରୀ ଆଲୋଚନା



ଭୁବନେଶ୍ୱର,୨୫/୬(ନି/ପ୍ର): କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ରାମଦାସ ଅଠାୱଲେ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି । ସାକ୍ଷାତକାରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଅଠାୱଲେ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟରେ ସାମାଜିକ ନ୍ୟାୟ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ସାମାଜିକ କଲ୍ୟାଣ ଦିଗରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ଜନହିତକର କାର୍ଯ୍ୟରେ ସମ୍ପୂର୍ଣ୍ଣ ସମନ୍ୱୟରେ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରାଯିବ । ରାଜ୍ୟରେ ସାମାଜିକ ସୁରକ୍ଷା ପାଇଁ ମଧୁବାବୁ ପେନ୍‌ସନ୍ ଯୋଜନାରେ ଆଉ ୬ ଲକ୍ଷ ହିତାଧିକାରୀଙ୍କୁ ସାମିଲ କରିବା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅଧିକ ୫ କେଜି ଚାଉଳ ଯୋଗାଇଦେବା ଆଦି ବିଭିନ୍ନ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଉପରେ ମୁଖ୍ୟମନ୍ତ୍ରୀ ଜଣାଇଥିଲେ । ପରବର୍ତ୍ତୀ ସମୟରେ ଶ୍ରୀ ଅଠାୱଲେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ, ପଚାଂୟତିରାଜ ଓ ବିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିଥିଲେ । ବୈଠକରୁ ମିଳିଥିବା ସୂଚନା ଅନୁସାରେ, ଅନୁସୂଚିତ ଜାତି, ଓବିସିଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଛାତ୍ରବୃତି, ଉଚ୍ଚଶିକ୍ଷା ଓ ଚାକିରିରେ ସଂରକ୍ଷଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଏହାସହ ଜନଆକ୍ରୋଶର ଶିକାର ହେଉଥିବା ପୀଡ଼ିତଙ୍କୁ ଆର୍ଥିକ ସହାୟତା, ଆନ୍ତଃଜାତି ବିବାହିତ ଦମ୍ପତିଙ୍କୁ କେନ୍ଦ୍ର ସରକାରଙ୍କ ସହାୟତାକ୍ରମେ ୨.୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଉଛି ।

## ରାସ୍ ଲଫାନ ବିସ୍ଫୋରଣ :

# ମୋଦୀଙ୍କ ସହ କଥା ହେଲେ କତର ଏମିର

ନୂଆଦିଲ୍ଲୀ,୨୫/୬: କତରରେ ରାସ ଲଫାନ ଶିଳ୍ପାଂଚଳରେ ନିକଟରେ ହୋଇଥିବା ଏକ ବିସ୍ଫୋରଣରେ ୧୨ ଭାରତୀୟଙ୍କ ସମେତ ମୋଟ୍ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣା ପରେ କତର ଏମିର ଶେଖ ତମିମ ବିନ୍ ହମଦ ଅଲ ଥାନି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ କଥା ହୋଇଛନ୍ତି । ଉକ୍ତ ଘଟଣା ପାଇଁ ଏମିର ଶେଖ୍ ତମିମ ବିନ୍ ଗଭୀର ଶୋକ ପ୍ରକାଶ କରିବା ସହ କତରର ସମର୍ଥନକୁ ଦୋହରାଇଛନ୍ତି । ଆହତମାନଙ୍କର ସେ ଶୀଘ୍ର ଆରୋଗ୍ୟ କାମନା କରିଥିଲେ । ଉଲ୍ଲେଖଯୋଗ୍ୟ ବର୍ଜନ ଗ୍ୟାସ୍ ଫ୍ୟାସିଲିଟିରେ ହୋଇଥିବା ବିସ୍ଫୋରଣରେ ମୋଟ୍ ୧୩ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୬୬ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରେ ଭାରତୀୟଙ୍କ ସମେତ ଅନ୍ୟ ନାଗରିକମାନେ ଅଛନ୍ତି । ଅନ୍ୟପକ୍ଷେ ମୃତକଙ୍କୁ ଚିହ୍ନଟ କରିବାପାଇଁ ଭାରତ କତାର କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି କାମ କରୁଛି ଏବଂ ସେମାନଙ୍କ ମର ଶରୀର ଫେରାଇ ଆଣିବାପାଇଁ ସହଯୋଗ କରୁଛି ।

# ଭେନେଜୁଏଲା ଭୂମିକମ୍ପରେ ୨୨ ମହଲା କୋଠା ଧରାଶାୟୀ

## ମୃତ୍ୟୁ ସଂଖ୍ୟା ୧୦ ହଜାର ଟପିବା ଆଶଙ୍କା



କାରାକସ୍/ଟୋକିଓ/ଶ୍ରୀନଗର,୨୫/୬: ଗୁରୁବାର ବିଶ୍ୱର ଅନେକ ସ୍ଥାନକୁ ଭୂମିକମ୍ପ ଅନୁଭୂତ ହୋଇଛି । ଭେନେଜୁଏଲା ଏବଂ ଜାପାନରେ ଶକ୍ତିଶାଳୀ ଭୂମିକମ୍ପ ବିନାଶ ଘଟାଇଥିବା ବେଳେ, ଭାରତର ଅନେକ ଅଂଚଳରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଛି । ନ୍ୟାସନାଲ ସେଂଟର ଫର୍ ସିସମୋଲୋଜି ଅନୁଯାୟୀ, ଜମ୍ମୁ ଏବଂ କାଶ୍ମୀର, ଆସାମ ଏବଂ ମେଘାଳୟରେ ବିଭିନ୍ନ ତୀବ୍ରତାଯୁକ୍ତ ଭୂମିକମ୍ପ ରେକର୍ଡ କରାଯାଇଛି । ସୌଭାଗ୍ୟବଶତଃ, କୌଣସି ଧନଜୀବନ ହାନୀ ହୋଇନାହିଁ । ଭୂମିକମ୍ପ ଯୋଗୁଁ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ପଳାଇ ଯାଇଥିଲେ । ଜାତୀୟ ସୁରକ୍ଷା ସେବା ଅନୁଯାୟୀ, ଜୁନ୍ ୨୫ ତାରିଖ ଦିନ ରାତି ୨ଟା ୩୦ ସମୟରେ ଜମ୍ମୁ ଏବଂ କାଶ୍ମୀରର ପୁଲୱାମାରେ ଏକ ଭୂମିକମ୍ପ ହୋଇଥିଲା । ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୩.୫ ଥିଲା । ଏହାର କେନ୍ଦ୍ରସ୍ଥଳ ପୁଲୱାମା ଅଂଚଳ ନିକଟରେ ୩୩.୯୧୩ ଡିଗ୍ରି ଉତ୍ତର ଅକ୍ଷାଂଶ ଏବଂ ୭୫.୦୯୫ ଡିଗ୍ରି ପୂର୍ବ ଦ୍ରାଘିମା ଥିଲା । ଭୂପୃଷ୍ଠର ପ୍ରାୟ ୧୫ କିଲୋମିଟର ଗଭୀରତାରେ ଏହା କେନ୍ଦ୍ର ଅବସ୍ଥିତ ଥିବା ଅନୁମାନ କରାଯାଉଛି । ରାତିରେ ଲୋକେ ଘରେ ଶୋଇଥିବା ସମୟରେ ଭୂମିକମ୍ପ ହୋଇଥିଲା । ଭେନେଜୁଏଲାରେ ଏକ ୭.୫ ତୀବ୍ରତାଯୁକ୍ତ ଭୟଙ୍କର ଭୂମିକମ୍ପ ବହୁ ଧନଜୀବନ ହାନୀ କରିଛି । ରାଜଧାନୀ କାରାକାସରେ ଏକ ୨ ମହଲା କୋଠା ଘର ଭାଙ୍ଗି ଯାଇଛି । ଜାପାନରେ ମଧ୍ୟ ୬.୯ ତୀବ୍ରତାଯୁକ୍ତ ଭୂମିକମ୍ପ ଅନୁଭୂତ ହୋଇଛି । ମାତ୍ର କିଛି ମିନିଟ୍ ବ୍ୟବଧାନରେ ଭେନେଜୁଏଲାରେ ଦୁଇଟି ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି । ବୁଧବାର ସନ୍ଧ୍ୟା ୬ଟା ୪ରେ ପ୍ରଥମେ ୭.୧ ତୀବ୍ରତାଯୁକ୍ତ ଭୂମିକମ୍ପ ହୋଇଥିଲା ଏହାର କିଛି ସେକେଣ୍ଡ ପରେ ୭.୫ ତୀବ୍ରତାଯୁକ୍ତ ଭୂମିକମ୍ପ ହୋଇଥିଲା । ଏହା ଗତ ୧୦୦ ବର୍ଷ ମଧ୍ୟରେ ଭେନେଜୁଏଲାରେ ଅନୁଭୂତ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ । ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ଅନୁଯାୟୀ, ପ୍ରଥମ ଭୂମିକମ୍ପର କେନ୍ଦ୍ରସ୍ଥଳ ଭେନେଜୁଏଲାର ଉପକୂଳବର୍ତ୍ତୀ ସହର ମୋରୋନ ନିକଟରେ ଭୂପୃଷ୍ଠର ୧୩ କିଲୋମିଟର ଗଭୀରତାରେ ଥିଲା । ସେହିପରି ଦ୍ୱିତୀୟ ଭୂମିକମ୍ପର କେନ୍ଦ୍ରସ୍ଥଳ ମୋରୋନଠାରୁ ୧୬ କିଲୋମିଟର ଦୂରରେ ଭୂପୃଷ୍ଠର ୧୦ କିଲୋମିଟର ଗଭୀରତାରେ ଅନୁଭୂତ ହୋଇଥିଲା । କେନ୍ଦ୍ରସ୍ଥଳ ଅଗଭୀର ଥିବାରୁ ଏହାର ପ୍ରଭାବ ବ୍ୟାପକ ଥିଲା । ରାଜଧାନୀ କାରାକାସର ଅନେକ ଅଂଚଳରେ ଆକାଶରେ ଧୂଳିର ଆଚ୍ଛାଦିତ ହୋଇପଡ଼ିଥିଲା । ରେଷ୍ଟୁରାଂଟ ଏବଂ ଦୋକାନ ଘର ଥିବା କୋଠାଗୁଡ଼ିକ ଭୁଶୁଡ଼ି ପଡ଼ିବା ଆରମ୍ଭ କରିଥିଲା । ଭୂମିକମ୍ପର ସବୁଠାରୁ ଭୟଙ୍କର ଦୃଶ୍ୟ କାରାକାସର ଆଲଟାମିରା ଅଂଚଳରେ ଦେଖିବାକୁ ମିଳିଥିଲା, ଯେଉଁଠାରେ ଏକ ବିଶାଳ ୨୨ ମହଲା କୋଠା ତାସ ଘର ପରି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା । ଭଗ୍ନାବଶେଷ ନିକଟରେ ଲୋକମାନେ ଲୁହ ଭରା ଆଖିରେ ମାଟିଥଲେ ପୋତି ହୋଇଯାଇଥିବା ସେମାନଙ୍କ ପ୍ରିୟଜନଙ୍କୁ ଡାକିବା ଦେଖାଯାଇଥିଲା । ସ୍ୱେଚ୍ଛାସେବୀ ଏବଂ ଉଦ୍ଧାର କର୍ମୀମାନେ ଭଗ୍ନାବଶେଷ ତଳୁ ଜୀବନ ଖୋଜା ଜାରି ରଖିଛନ୍ତି । ଆମେରିକାର ଭୂତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଆକଳନ କରିଛି ଯେ ମୃତ୍ୟୁ ସଂଖ୍ୟା ୧୦ ହଜାର ଅତିକ୍ରମ କରିପାରେ । ପ୍ରାରମ୍ଭିକ ଭାବରେ ସଂସ୍ଥା ଆକଳନ କରିଛି ମୃତ୍ୟୁ ସଂଖ୍ୟା ୧୦ ହଜାରରୁ ଏକ ଲକ୍ଷ ମଧ୍ୟରେ ହେବ । କର୍ତ୍ତୃପକ୍ଷ ଏପର୍ଯ୍ୟନ୍ତ ମୃତ କିମ୍ବା ଆହତଙ୍କ ସଂଖ୍ୟା ପ୍ରକାଶ କରିନାହାନ୍ତି, କିନ୍ତୁ ସ୍ଥାନୀୟ ଅଧିକାରୀ ଏବଂ ପ୍ରତ୍ୟକ୍ଷଦର୍ଶୀମାନେ କୋଠା ଭୁଶୁଡ଼ିବା, ଉଦ୍ଧାର କାର୍ଯ୍ୟ ଜାରି ରଖିବା ଏବଂ ଆହତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ସୂଚନା ଦେଇଛନ୍ତି । ଭେନେଜୁଏଲାର ଗୃହମନ୍ତ୍ରୀ, ଡିଓସଡାଡୋ କାବେଲୋ, ପରିସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ନାଗରିକମାନଙ୍କୁ ତୁରନ୍ତ ସେମାନଙ୍କ ଘର ଏବଂ କୋଠା ଖାଲି କରିବାକୁ ସତର୍କ କରାଇ ଦେଇଛନ୍ତି । ଭୂକମ୍ପ ପରବର୍ତ୍ତୀ ଝଟକାର ଆଶଙ୍କା ଯୋଗୁଁ ସେ ଦୁର୍ବଳ କୋଠା ଭିତରକୁ ପ୍ରବେଶ ନକରିବାକୁ ମଧ୍ୟ ଲୋକଙ୍କୁ ଅନୁରୋଧ କରିଛନ୍ତି । ସୁରକ୍ଷା ସତର୍କତା ସ୍ୱରୂପ, ଭଗ୍ନାବଶେଷରୁ ବଡ଼ ଧରଣର ଅଗ୍ନିକାଣ୍ଡକୁ ରୋକିବା ପାଇଁ କର୍ତ୍ତୃପକ୍ଷ ଅନେକ ଆବାସିକ ଅଂଚଳକୁ ଗ୍ୟାସ୍ ଯୋଗାଣ ବନ୍ଦ କରିଦେଇଛନ୍ତି । ଗୃହମନ୍ତ୍ରୀ ଲୋକମାନଙ୍କୁ ପିଲା ଏବଂ ବୟସ୍କଙ୍କ ବିଶେଷ ଯତ୍ନ ନେବାକୁ ଏବଂ ଆମ୍ବୁଲାନ୍ସ ଭଳି ଜରୁରୀକାଳୀନ ଯାନଗୁଡ଼ିକୁ ରାସ୍ତା ଦେବାକୁ ଅନୁରୋଧ କରିଛନ୍ତି । ଭେନେଜୁଏଲାରେ ହୋଇଥିବା ଭୂମିକମ୍ପ ପରେ, ଆମେରିକା ପ୍ରଶାନ୍ତ ମହାସାଗର ସୁନାମି ସତର୍କତା କେନ୍ଦ୍ର ପୁଏର୍ତୋ ରିକୋ ଏବଂ ଭର୍ଜିନ୍ ଦ୍ୱୀପପୁଞ୍ଜ ପାଇଁ ସୁନାମି ଚେତାବନୀ ଜାରି କରିଛି । ଜାପାନରେ ଭୂମିକମ୍ପରୁ କୌଣସି ବଡ଼ କ୍ଷୟକ୍ଷତିର ରିପୋର୍ଟ ମିଳିନାହିଁ, ଏବଂ ସେଠାରେ କୌଣସି ସୁନାମି ଆଶଙ୍କା ମଧ୍ୟ ପ୍ରକାଶ କରାଯାଇ ନାହିଁ ।

ଉତ୍କଳ ସମାଚାର

# ସମ୍ପାଦକୀୟ...

**ଶୁକ୍ରବାର ୨୬ ଜୁନ୍ ୨୦୨୬**

## ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା



ଗୁରୁମୁଖୀ, ଗୁପ୍ତଜ୍ଞାନ, ଗୁହ୍ୟ ତତ୍ୱ ଗୁରୁମୁଖୀ ବିଦ୍ୟା, ସାର୍ବଜନୀନ ମନା । ସମ୍ପୂର୍ଣ୍ଣ ବାରଣ କରି ଗୁରୁମାନେ ଶିଷ୍ୟଙ୍କୁ ଉଦ୍ଧାର ପାଇଁ ନିଜକୁ ବହୁ ସଂସାର ଅଳୀକ ବସ୍ତୁରେ ଜଡ଼ିତ ନ ହେବାପାଇଁ ତାଙ୍କ ଜୀବନର ସିଦ୍ଧ ଆଶୁ ଫଳପ୍ରଦ ବିଦ୍ୟା ଅନେକ ତଥ୍ୟ । ପୂର୍ଣ୍ଣ ତତ୍ୱ ଶିକ୍ଷା କହିଥାନ୍ତି କାଳେ ଶିଷ୍ୟ ଗୁରୁଙ୍କ ଅପ୍ରକଟ ପରେ ଭୁଲିଯିବ ସେ ତତ୍ୱନ ଗୁଡ଼ିକୁ ଭିନ୍ନ ନଜିର ମଧ୍ୟରେ ରଙ୍ଗଦେଇ ଲେଖି ରଖିବାକୁ କହିଥାନ୍ତି । ଆବାହମାନ କାଳରୁ କଥିତ ଓ ଲିଖିତ ଭାଷା ସମ୍ବନ୍ଧର ସଂସ୍କାର, ସଂଶୋଧନ, ଶୋଧ ହୋଇ ଚାଲୁଛି । ଆଜି ଯେପରି ଡଟ କଲମ କାଗଜରେ ସ୍ୱଳ୍ପ ସମୟରେ ଏକଲେଖା ଲେଖି ଦିଆଯାଉଛି ସେପରି ଲେଖା ପୂର୍ବେ ସ୍ୱପ୍ନ ଥିଲା । ଏକ ପାଣ୍ଡୁଲିପି ଛପାଖାନାରେ ଅଳ୍ପ ସମୟରେ ଯେପରି ଛପା ଯାଉଛି ଏହାମଧ୍ୟ ସାତସ୍ୱପ୍ନ ଥିଲା ଲେଖକ ତାଳପତ୍ରକୁ ପାଗ କରି ସାଇଜରେ କାଟି ଠିକ ପତ୍ରରେ ମଧ୍ୟ କଣା କରି ପତ୍ରକୁ ପତ୍ରସୂତା ଡୋରିରେ ଗୁନ୍ଥି ଦୁଇ କାଠପଟା ମଧ୍ୟରେ ସାଇଜ କରି ରଖିଲା ପରେ ପୋଥି ଲେଖା ଆରମ୍ଭ କରୁଥିଲେ । ଏଥିପାଇଁ ଆରମ୍ଭକୁ ଶୁଭ ସମୟଲଗ୍ନ ଧରି କରାଯାଉଥିଲା । ଏ ସମୟର ନୋଟ ଖାତା ତୁଲ୍ୟ ସେ ପୋଥିରେ ଗୁରୁମୁଖ ବାଣୀ ଲିପିବଦ୍ଧ କରାଯାଉଥିଲା ବା କେହି ତାଙ୍କର ସାଧନା ଲବ୍ଧଜ୍ଞାନ ଲେଖୁଥିଲେ । ବିନା ଆଶ୍ରୟରେ, ଛାୟାରେ କୌଣସି ଲେଖା କେହି ଲେଖିବା ସମ୍ଭବ ନୁହେଁ । ସେତେବେଳେ କୌଣସି ଭାଷାର ଲିପି ବର୍ତ୍ତମାନ ଲିପି ପରି ଏପରି ସଂସ୍କାରିତ ନଥିଲା । ଆମ ଓଡ଼ିଆ ଭାଷାରେ ବହୁକାଳ ପୂର୍ବରୁ କରଣୀ ଭାଷାରେ ଲେଖା ଯାଉଥିଲା ଯାହାକୁ ଏ ସମୟର ପାଠକମାନେ ପଢ଼ିବା ମୁସ୍କିଲ । ଗ୍ରାମ୍ୟ ଅବଧାନମାନେ ଚାହାଳୀ କରି ବା କାହାରି ପିଲାଙ୍କୁ ପାଢ଼ାଲେଖା ଶିକ୍ଷା ଦେଉଥିଲେ, କୁହାଯାଉଥିଲା 'ହରଗୁଣଫେଡ଼ମିଶା ଆଉସବୁ ଫସର ଫସା' ପୁଣି ପ୍ରାଚୀନ କାବ୍ୟରୁ କିଛି ଘୋଷାଇ ଓଡ଼ିଆ ଜଗନ୍ନାଥ ଦାଶଙ୍କ ଭାଗବତ ବୋଲାଇ କିଛି ଲେଖାଇ ଭାଷା ସାହିତ୍ୟ ଶେଷ କରାଉଥିଲେ । ଅଙ୍କରେ ନଳଭଙ୍ଗା, ପାହିଅଣା, କଡ଼ାଗଣ୍ଡା ଶୋଧୀ, ଓଡ଼ାଙ୍କ ଫେଡ଼ାଙ୍କ ଆଦି ଶିକ୍ଷା ଦେବାସହ ମୁହେଁ ମୁହେଁ ହିସାବ କହିବାକୁ ପଡୁଥିଲା ପ୍ରଖର ସ୍ମରଣ ଶକ୍ତିର ସାଧନାରେ ବ୍ରତୀ କରାଯାଉଥିଲା । ଏହିଯୁଗର ବହୁ ପୂର୍ବରୁ ଶିକ୍ଷାକୁ ଏତେ ବ୍ୟାପକ କରାଯାଇ ନଥିଲା । କାଁ ଭାଁ କେଉଁ ଗ୍ରାମରେ ଜଣେ ଦୁଇଜଣ ସମ୍ଭ୍ରାନ୍ତଙ୍କ ଘରେ ଲେଖିପଢ଼ି ଶିଖିଥିଲେ । କେବଳ ଅବଧାନମାନେ ବଂଶାନୁକ୍ରମେ ତାଳପତ୍ର ଜନ୍ମ ଜାତକ ପ୍ରସ୍ତୁତ ବିବାହ ଲଗ୍ନ ପତ୍ର ଲେଖା ପାଇଁ ଅଧ୍ୟୟନ କରୁଥିଲେ । ଖଡ଼ିରତ୍ନ ପରମ୍ପରାରେ ଗ୍ରହଗଣତି କରି ଯୁଗାଦି, ସୃଷ୍ଟ୍ୟାଦି ବା ଏକ ଧାର୍ଯ୍ୟ ବର୍ଷରୁ ଆଗକୁ ଦିନ ଗଣନାରେ ଗ୍ରହ ସ୍ଥିତି ଏକ ସ୍ଥିର ନିୟମରେ କରି ତିଥି ବାର ନକ୍ଷତ୍ର ଯୋଗ କରଣ ଏମିତି ପାଂଚ ଅଙ୍ଗରେ ପଚାଂଙ୍ଗ ପ୍ରସ୍ତୁତ କରି ଧର୍ମପ୍ରାଣ ଜନତାଙ୍କ ବିହିତ ପାଳନ ପାଇଁ ତାଳପତ୍ର ପୋଥି ପଞ୍ଜିକା କରୁଥିଲେ । ଚୌପଦୀ, ଅଷ୍ଟପଦୀ ବା ଅଷ୍ଟକ ପରି, ଚଉତିଶା ରଚନାମାନ ପୂର୍ବକାଳ ପଦ୍ୟ ସାହିତ୍ୟଲେଖାକୁ, କାବ୍ୟ ରାଗରେ ଶ୍ଳୋକ ଛନ୍ଦରେ ଲେଖା ଯାଉଥିଲା ପ୍ରବଳ ଶବ୍ଦ ଭାଷା ଜ୍ଞାନ ନହେଲେ ପୁଣି ନିର୍ଭୁଲ ସ୍ମରଣ ନ ହେଲେ ତାଳ ପତ୍ରଟି ଭାବ ବ୍ୟଞ୍ଜକ ନହୋଇ ଲେଖା ଉଦ୍ଦେଶ୍ୟ ପଣ୍ଡ କରିପାରେ ଏ ପାଇଁ ସ୍ଥିର ମତିରେ ପୋଥି ଲେଖାଯାଏ । ପଦ୍ୟରେ ଯତିପାତକୁ ଦୁଇପଦ ସମାନ ଅକ୍ଷର ବିଶିଷ୍ଟ ଧରାଯାଏ, ହେଲେ ଦାଣ୍ଡି ପଦ୍ଧତିରେ ଏକ ପଦରେ ଦୁଇପଦରେ ଅକ୍ଷର ସମାନ ନଥାଏ । ଏମିତି ମାଲମାଳ ଲୋକ ସାବଧାନୀ ଶିକ୍ଷା ହେଉଛି ମାଳିକା । ବ୍ୟାସଦେବ ଗଣେ ଶିଷ୍ୟ ବସାଇ ନିଜେ ଗଣପତି ଗୁରୁହୋଇ ପୁରାଣ ସ୍ୱ ବୟାନକୁ ଲିପିବଦ୍ଧ ପ୍ରଥମେ ତାଳପତ୍ରରେ କରାଇଥିଲେ । ଯାହା ଏ ସମୟରେ ବହି ବାଣିଜ୍ୟରେ ଆସିଯାଇଛି । ସେମିତିକା ଭବିଷ୍ୟତ ସାବଧାନୀ ସତର୍କ ଶାସ୍ତ୍ର ମାଳିକା ଯାହା ବିଭିନ୍ନ ସ୍ଥାନ ବିଭିନ୍ନ ସମ୍ପ୍ରଦାୟ ପାଇଁ ଭିନ୍ନ ସମୟ ପାଇଁ ଉଦ୍ଦିଷ୍ଟ ତାକୁ ପ୍ରକାଶ ସାର୍ବଜନୀନ ମନାକୁ ସମୟାତୀତକୁ ଅନେକ ପିଢ଼ି ପରେ ଗୁରୁ ବାରଣ କଣ ଥିଲା କାହିଁକି ଥିଲା ନଜାଣି ହଇଚଇ ପାଇଁ ଛପାବହି ଯୋଗ ଆଓ୍ୱାଜରେ ଟିଭି ମୋବାଇଲରେ ବୟାନ ଦେଉଛନ୍ତି । କାହିଁକି କୁହାଯାଇଛି 'ଗହଣା ନୋହିଲେ ଘୋଡ଼ାଇ ଚାଲ' ସମସ୍ତେ ବସ୍ତ୍ର ପିନ୍ଧୁଛନ୍ତି କାହିଁକି ? ସମସ୍ତେ ଉଲଗ୍ନ ହେଲେ ଲଜ୍ୟା କାହାକୁ ଲାଗନ୍ତା । ସ୍ଥାନ ମାନଙ୍କର ନାମ ରାଜ୍ୟର ନାମ କେମିତି ତତ୍କାଳୀନ ଜଣାଥିଲା, ମାଳିକା କଣ କେବଳ ପୁରୀ କଟକ ପାଇଁ ଲେଖା ଯାଇଛି, ଜଳପ୍ରଳୟ କଣ କେବଳ ଆମରି ହୀରାକୁଦ ବନ୍ଧ ସହ ଜଡ଼ିତ । ହିମାଳୟ ବରଫ ତରଳୁଛି ମେରୁରେ ବରଫ ତରଳୁଛି ଏ ପାଇଁ କଣ ଜଳ ପ୍ଲାବନ ହେବନାହିଁ ? ସୁନାମୀ ବିଭିନ୍ନ ସ୍ଥାନରେ ହେଉଛି ଏହା କଣ ପ୍ରଳୟ ନୁହେଁ ? ଯୁଦ୍ଧର ଧରା ବଦଳିଛି କେତେଲୋକ ବିନା କାରଣରୁ ମାରୁଛନ୍ତି ମରୁଛନ୍ତି ଏହା କଣ ମାରୀ ଭୟ ନୁହେଁ ? ତେଣୁ କାଳ ପତ୍ର ବିଚାରରେ ଶାସ୍ତ୍ର ବୟାନ କଲେ ଦୋଷ ଲାଗନ୍ତା ନାହିଁ, କଣ କଲେ ଲୋକ ଅକାଳମୃତ୍ୟୁ ଭୟରେ ପଡ଼ିବେ ନାହିଁଯେତେବେଳେ ଶ୍ରୀଚୈତନ୍ୟ ଦେବ ପ୍ରଚାର ଆରମ୍ଭ କରିଥିଲେ ଠିକ ସେତିକି ବେଳେ ମାଳିକା ସ୍ରଷ୍ଟାଙ୍କ ଭବିଷ୍ୟତ ବାଣୀ ତାଙ୍କ ସମ୍ପ୍ରଦାୟ ଶିଷ୍ୟ ଗଣଙ୍କୁ ଦିଆଯାଇ ସତର୍କ କରାଯାଇଥିଲା । ଏ ସମୟରେ କାହାରି ବେକରେ ମାଳି କଣ୍ଠି ନାହିଁ କେହି କାଛିଆ କୌପିନ ପିନ୍ଧୁନାହାନ୍ତି । କାହାରି ମୁଣ୍ଡରେ ଛୁଟି ଜଟ ନାହିଁ, ଭୋଜନରେ ବାଗବାଇଶ ନାହିଁ ଅନେକ ପ୍ୟାଂଟ ପିନ୍ଧି ଠିଆ ହୋଇ ପରିସ୍ରା କରୁଛନ୍ତି ଏପରିକି ସୁଟ ପିନ୍ଧି ମୃଦଙ୍ଗ ବଜାଉଛନ୍ତି, କଣ ଶୁଦ୍ଧ କଣ ଅଶୁଦ୍ଧ ଜ୍ଞାନ ଉଭାନ ପୁରୋହିତ ଗିରି ନେତାଏ କଲେଣି, କାହିଁ ଚୈତନ୍ୟ ପଥ, କାହାନ୍ତି ଅଚ୍ୟୁତ, ହାଡ଼ିଦାସଙ୍କ ସତର୍କ ବାଣୀର ପାଳନ କାରି, କାହାନ୍ତି ? ପୁଣି କାହାନ୍ତି ସେହି ପଥର ପ୍ରତିକାର କରି ପ୍ରଶାସକ ଜନତା ଜନାର୍ଦ୍ଦନ ? ମନ୍ଦିର ଜୀର୍ଣ୍ଣଉଦ୍ଧାର ଠାରୁ ଦୈବୀ ଉତ୍ପାତରୁ ରାଜ୍ୟ ଭୂମି ରକ୍ଷା ଆଗ, କିଏ ବିଚାର କରିବ ?

# 'ଶେଷ ଶିଳ୍ପ' : ଅଶେଷ ଅଚ୍ୟୁତାନନ୍ଦ

ଏଇ ଜୁନ୍ ୨୨ ତାରିଖ ଦିନ ବୟସର ଶତତମ ପାହାଚରେ ପାଦ ଦେଉଛନ୍ତି ଗାଳ୍ପିକ ଅଚ୍ୟୁତାନନ୍ଦ ପତି । ସେ ଯେ ଶହେବର୍ଷର ଆୟୁଷ ପାଇଛନ୍ତି, ଏହା ବଡ଼ କଥା ନୁହେଁ । କାରଣ ଅନେକ ଶତାୟୁ ଅଛନ୍ତି- ଯେଉଁମାନେ ନାମକୁ ମାତ୍ର ବଂଚିଥାଆନ୍ତି । ମାତ୍ର ଯିଏ ଜୀବିତ ରହି, ଯେଉଁଥିପାଇଁ ସେ ପରିଚିତ- ସେଇ କାମ କରୁଥାଆନ୍ତି, ସେ ସାର୍ଥକ ଭାବରେ ବଂଚିଛନ୍ତି ବୋଲି କୁହାଯାଏ । ସେଇଥିପାଇଁ 'ଶୁକ୍ଳ ଯଜୁର୍ବେଦ'ର ପ୍ରସିଦ୍ଧ ପ୍ରାର୍ଥନାମନ୍ତ୍ରରେ କୁହାଯାଇଛି- ହେ ପ୍ରଭୁ ! ଆମକୁ ଆଶିଷ ଦିଅନ୍ତୁ- ଆମେ ଯେପରି ଶହେଟି ଶରତ ପର୍ଯ୍ୟନ୍ତ ଆଖିରେ ଦେଖିପାରୁ !; ଆମେ ଯେପରି ଶହେଟି ଶରତ ପର୍ଯ୍ୟନ୍ତ ଜୀବିତ ରହୁ !; ଆମେ ଯେପରି ଶହେଟି ଶରତ ପର୍ଯ୍ୟନ୍ତ କାନରେ ଶୁଣିପାରୁ !; ଆମେ ଯେପରି ଶହେଟି ଶରତ ପର୍ଯ୍ୟନ୍ତ ଆମର ମୁଖର ବାଣୀରେ ଜ୍ଞାନର ଉପଦେଶ ଦେଇପାରୁ ! ଅଚ୍ୟୁତାନନ୍ଦ ପତି ଏଇ ଶହେବର୍ଷ ବୟସରେ ଆଖିରେ ଦେଖିପାରୁଛନ୍ତି, କାନରେ ଶୁଣିପାରୁଛନ୍ତି ଏବଂ ନିଜର ବାଣୀ ମାଧ୍ୟମରେ ନିଜର ଚିନ୍ତନ ଓ ଉପଲବ୍ଧି ବିତରଣ କରିପାରୁଛନ୍ତି । ଏହା ହିଁ ବଡ଼ କଥା । କିନ୍ତୁ ଶହେବର୍ଷ ବୟସର ବୋଝରେ ସେ କ'ଣ ଭାରାକ୍ରାନ୍ତ ନୁହନ୍ତି ? ସ୍ୱାଭାବିକ ଭାବରେ ସେ ଭାରାକ୍ରାନ୍ତ । ଏହା ହିଁ ଏ ସଂସାରରେ ଜୀବନର ନିୟମ । କିନ୍ତୁ ତାହାକୁ ବେଖାତିର କରି ସେ ଆଜି ବି କଲମ ଧରୁଛନ୍ତି ଏବଂ ଆମକୁ ନୂଆ ନୂଆ ଗପ ଉପହାର ଦେଉଛନ୍ତି- ଏହା ହିଁ ଆମ ପାଇଁ ସବୁଠୁ ବଡ଼ କଥା । ଗାଳ୍ପିକ ଅଚ୍ୟୁତାନନ୍ଦ ପତି ଏଯାଏ ଆମକୁ ଉପହାର ଦେଇଛନ୍ତି ନଅଟି ଗଳ୍ପ ପୁସ୍ତକ । ସେ ସବୁ ହେଉଛି- ଅଶୁଭ ପୁତ୍ରର କାହାଣୀ (୧୯୭୩, ୨୦ଟି ଗଳ୍ପ), 'ଉଗ୍ରସେନ ଉବାଚ' (୧୯୭୬, ୨୦ଟି ଗଳ୍ପ), 'ନିଆଁ ଜଳୁଛି' (୧୯୭୮, ୬ଟି ଗଳ୍ପ), 'ସ୍ନାୟୁ ଓ ସନ୍ନ୍ୟାସୀ' (୧୯୮୧, ୨୪ଟି ଗଳ୍ପ), 'ଚାରି ସଙ୍ଗାତ କଥା' (୧୯୮୩, ୨୪ଟି ଗଳ୍ପ), 'ଅବାଧ ପ୍ରଜାପତି' (୧୯୯୬, ୧୫ଟି ଗଳ୍ପ), 'ଅନ୍ୟ ଶିବିର' (୧୯୯୨, ୧୯ଟି ଗଳ୍ପ), 'ଚା'ରୁ ଚୈତନ୍ୟ ପର୍ଯ୍ୟନ୍ତ' (୨୦୦୮, ୨୧ଟି ଗଳ୍ପ) ଏବଂ 'ସିକ୍ତ ସେକତ' (୨୦୧୧, ୧୧ଟି ଗଳ୍ପ) । ଏହିପରି, ନଅଟି ପୁସ୍ତକରେ ତାଙ୍କର ସଂକଳିତ ଗଳ୍ପ ସଂଖ୍ୟା ୧୬୦ । ଏହା ବ୍ୟତୀତ, ତାଙ୍କର ପ୍ରଥମ ସାତଟି ଗଳ୍ପ ସଂକଳନର ୪୯ଟି ଗପକୁ ନେଇ ୨୦୦୧ରେ 'ଅଚ୍ୟୁତାନନ୍ଦ ପତିଙ୍କ ନିର୍ବାଚିତ ଗଳ୍ପ' ନାମରେ ଗୋଟିଏ ବହି, ବିଭିନ୍ନ ସଂକଳନରୁ ୧୨ଟି ମାନବେତର ଚରିତ୍ର ସମ୍ବଳିତ ଗଳ୍ପକୁ ନେଇ ୨୦୦୬ରେ 'ଇତରଙ୍କ ଇତିବୃତ' ନାମରେ ଗୋଟିଏ ବହି, ୩୭ଟି ନିର୍ବାଚିତ ଗଳ୍ପକୁ ନେଇ ୨୦୧୩ରେ 'ଅଚ୍ୟୁତାନନ୍ଦ ପତିଙ୍କ ଶ୍ରେଷ୍ଠ ଗଳ୍ପ' ନାମରେ ଗୋଟିଏ ବହି ଏବଂ ତାଙ୍କର ୨୫ଟି ଗଳ୍ପକୁ ନେଇ ୨୦୨୪ରେ ଆଉ ଏକ 'ନିର୍ବାଚିତ ଗଳ୍ପ' ବହି ମଧ୍ୟ ପ୍ରକାଶ ପାଇଛି । ଏହା ବ୍ୟତୀତ, ୨୦୨୨ରେ ତାଙ୍କର ସାତଟି ସଂକଳନର ୧୩୯ଟି ଗଳ୍ପକୁ ନେଇ 'ଅଚ୍ୟୁତାନନ୍ଦପତି ଗଳ୍ପ ସମଗ୍ର' ମଧ୍ୟ ପ୍ରକାଶିତ ହୋଇଛି । ମାତ୍ର ତାଙ୍କର ମୂଳ ଗଳ୍ପ ସଂକଳନର ସଂଖ୍ୟା ସେଇ ନଅ । ସେହି ନଅଟି ମୂଳ ଗଳ୍ପ ସଂକଳନ ମଧ୍ୟରୁ, ତାଙ୍କର ଚତୁର୍ଥ ଗଳ୍ପ ସଂକଳନ- 'ସ୍ନାୟୁ ଓ ସନ୍ନ୍ୟାସୀ' ୧୯୮୩ ମସିହାର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଏବଂ ଅଷ୍ଟମ ଗଳ୍ପ ସଂକଳନ 'ଚା'ରୁ ଚେ ?ତନ୍ୟ ପର୍ଯ୍ୟନ୍ତ' ୨୦୧୩ର ଶାରଳା ପୁରସ୍କାର ପାଇଛି । ଏହା ବ୍ୟତୀତ, ସେ ୨୦୦୨ରେ ଓଡ଼ିଶା ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଅତିବଡ଼ୀ ଜଗନ୍ନାଥ ଦାସ ପୁରସ୍କାର' ମଧ୍ୟ ପାଇଛନ୍ତି । କିନ୍ତୁ ୧୯୭୩, ୧୯୭୬, ୧୯୭୮, ୧୯୮୧, ୧୯୮୩, ୧୯୮୬, ୧୯୯୨, ୨୦୦୮ ଓ ୨୦୧୨- ଏହିପରି ନିୟମିତ ବିରତିରେ ଗୋଟିଏ ପରେ ଗୋଟିଏ ଶକ୍ତ ଓ ସର୍ଜନଶୀଳ ଗଳ୍ପ ପୁସ୍ତକ ପ୍ରକାଶ ପାଇଥିଲେ ମଧ୍ୟ, କେଉଁ ଅଜ୍ଞାତ କାରଣରୁ କେଜାଣି, ତାଙ୍କୁ ଏଯାଏ କେନ୍ଦ୍ର 'ସାହିତ୍ୟ ଅକାଦେମି ପୁରସ୍କାର' ଦିଆଯାଇ ନାହିଁ । ଯେଉଁ ଗାଳ୍ପିକମାନେ ଏହି ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳଖଣ୍ଡ ମଧ୍ୟରେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ପାଇଛନ୍ତି, ସେମାନଙ୍କଠାରୁ ଯେ ଅଚ୍ୟୁତାନନ୍ଦ ପତି ନିକୃଷ୍ଟ, ଏହା କୁହାଯାଇପାରିବ ନାହିଁ । ୨୦୧୨ର 'ସିକ୍ତ ସୌକତ' ପରେ, ଏହି ପ୍ରାୟ ୧୪ ବର୍ଷ ମଧ୍ୟରେ ଅଚ୍ୟୁତାନନ୍ଦ ପତିଙ୍କର ଆଉ କୌଣସି ଗଳ୍ପ ସଂକଳନ ପ୍ରକାଶ ପାଇ ନାହିଁ । ୨୦୧୨ ପରେ, ଗୋଟିଏ ଦଶନ୍ଧି ?ର କାଳଖଣ୍ଡ ମଧ୍ୟରେ, ତାଙ୍କର କୌଣସି ଗଳ୍ପ ମଧ୍ୟ ଖୋଜିଲେ ମିଳେ ନାହିଁ । ମନେହୁଏ, ଏହି ଦଶବର୍ଷ ମଧ୍ୟରେ ସେ ଗୋଟିଏ ହେଲେ ଗଳ୍ପ ଲେଖି ନାହାନ୍ତି । ଏହାପରେ ଆମକୁ ଯେଉଁ ଗଳ୍ପଟି ମିଳେ, ତାହା ଏପ୍ରିଲ୍ ୨୦୨୨ରେ ପ୍ରକାଶିତ 'ପର୍ଶୁଆର ମଶାଣିରୁ' । ଆମପାଇଁ ଖୁସିର କଥା, ଯେ ତାହା ପରଠାରୁ ସେ କ୍ରମାଗତ ଭାବରେ ଗପ ଲେଖିଚାଲିଛନ୍ତି ଏବଂ ଏ ଭିତରେ ତାଙ୍କର ୧୭ଟି ଗଳ୍ପ ପ୍ରକାଶ ପାଇଛି । ଏବଂ ଆହୁରି ଖୁସିର କଥା, ଯେ ଏହି ଶତବର୍ଷ ବୟସରେ ମଧ୍ୟ ସେ ଏବେ ଏବେ ଆଉ ଗୋଟିଏ ନୂଆ ଗଳ୍ପ ଲେଖିଛନ୍ତି । ଏଇ ଅଠରଟି ଯାକ ଗପ ପଢ଼ିଲେ ମନେ ହୁଏ, ସବୁଯାକ ଗପରେ ସେ ଗୋଟାପଣେ ଅଛନ୍ତି ଏବଂ ତାଙ୍କର ଅନୁଭବ ଓ ଉପଲବ୍ଧି ଆମକୁ ବାଣ୍ଟୁଛନ୍ତି । - ବୟସ ତ ଗୋଟେ ସଂଖ୍ୟା । ବୟସ ଅଠର ହେଉ କି ଅଠାଅଶୀ ହେଉ, ଯେତେବେଳେ ଜଣେ ଶିଖିବା ଛାଡ଼ିଦିଏ, ସେ ବୁଢ଼ା ହୋଇଯାଏ । ସକ୍ରେଟିସ୍ ବିଷ ପିଇବାର କେଇଘଟାଂ ଆଗରୁ କିଏ ଜଣେ ଗୀତ ଗାଉଥିବାର ଶୁଣିଲେ । ସେ ସେହି ଲୋକଟିକୁ ଡାକିବା ପାଇଁ ତାଙ୍କ ଶିଷ୍ୟମାନଙ୍କୁ କହିଲେ । ସକ୍ରେଟିସ୍ ସେ ଲୋକଟିଠାରୁ ଗୀତ ଶିଖିବାକୁ ଚାହିଁଲେ । ଶିଷ୍ୟମାନେ ଆବାକାବା । ଘଟାଂକ ପରେ ଗୁରୁଦେବ ମରିବେ, ତଥାପି ଗୀତ ଶିଖିବାକୁ ଆଗ୍ରହ ! ସକ୍ରେଟିସ୍ ଶିଷ୍ୟମାନଙ୍କୁ ବୁଝାଇଲେ- ଜୀବନସାରା ସେ ଶିଖି ଆସିଛନ୍ତି; ମରିବା ଆଗରୁ ଶିଖିବାର ଆଦତ୍‌ଟା ଛାଡ଼ିବେ କାହିଁକି ? (ଗଳ୍ପ : ଗଦର ଗନ୍ଧ) - ମୋର ଅତି ପରିଣତ ବୟସରେ, ହାତରେ ପୀଡ଼ା ଥିବା ହେତୁ ଲେଖିବାରେ ଅସୁବିଧା ବଢ଼ି ବଢ଼ି ଚାଲିଛି । ଯଦି ଗପଟି ପଢ଼ିବେ, ମନରୁ ଯୋଡ଼ିଯାଡ଼ି ମୋ' ଗପକୁ ବଢ଼ାଇ ପାରିବେ । (ଗଳ୍ପ : ମୃତ୍ୟୁର ମୂଲ୍ୟ) - ରୋଗ ତାକୁ ଝୁଣିଝାଣି ଖାଉଛି । ରୁଆରୁଆ ହୋଇ ଜୀବନ ସରି ସରି ଆସୁଛି । ପଛଆଡ଼େ ମରଣ ହାଇ ମାରୁଛି । ଆଜି ଥରେ ଦମା ପେଲିଲା ତ କାଲି ଦଶଥର । ରୋଗ ରାଗରେ ଘୁଚାଂଇ ଦେବାକୁ ପହଟୁଛି, ଆଉ ସେ ବଚିଂ ରହିବାକୁ ପାଟୁଛି । ଝଡ଼ ଆଗରେ ନିଜକୁ ଉଡ଼ାଇ ଦେବାକୁ ଚାହୁଁନି । କିନ୍ତୁ ତା'ର ସବୁ ଇଚ୍ଛା ତୁଚ୍ଛ ହୋଇଯାଉଛି । (ଗଳ୍ପ : ଏମିତି ବି ଜୀବନ) - ଏକଥା ସତ, ମୁଁ ମାନୁଛି, ମୋ' କଳ୍ପନାର ଜଳାଶୟ ଶୁଖି ଠୋ ଠୋ ହେବା ଉପରେ । ବୟସର କରାମତି ଇମିତି ହେବାକୁ ଦେଇଛି । ପୋଖରୀରେ ପୂରା ପାଣି ନାହିଁ ଯେ ସେଠି ବାଲିଆ, ଶେଉଳ ଖେଳାଇବି । ଯେଉଁ କେତେଚଳା ପାଣି ପଡ଼ିଛି, ସେଥିରେ ଦି'ଚାରିଟା ଦଣ୍ଡିକିରି ଡିଆଁଇବି ବୋଲି ଭାବିଛି । ଯେତେଦିନ ମୁଁ ଥିବି, ସେମାନଙ୍କୁ ଖେଚାଂ ମାରୁଥିବି । ଖେଚିଂଲେ ସେମାନେ ଖେପା ମାରିବେ । ବୟସ ବେଶି ହୋଇଗଲେ ହାତଗୋଡ଼ ବୋଲ ମାନନ୍ତିନି । (ଗଳ୍ପ : ମାଆ ଆଉ ପୁଅ) ଏଣୁ ବୟସାଧିକ୍ୟ ହେତୁ ହାତଗୋଡ଼ ବୋଲ ମାନୁ ନ ଥିଲେ ବି, ସେ ଗପ ଲେଖି ଚାଲିଛନ୍ତି । ଗୋଟିଏ ଗପ (ଅଜବ ଆର୍ଯ୍ୟାବର୍ତ୍ତ)ରେ ସେ କହିଛନ୍ତି- ''ଯେ ଲେଖୁଥାଏ ସେ ଯୁବକ ।'' ଏଣୁ ଆମ ଓଡ଼ିଆ ସାହିତ୍ୟରେ ଆଜି ଅଚ୍ୟୁତାନନ୍ଦ ପତି ହିଁ ଏକମାତ୍ର 'ଶହେବର୍ଷର ଯୁବକ' । ଏ ବର୍ଷ ଏପ୍ରିଲ୍ ୫ ତାରିଖରେ, 'ସମ୍ବାଦ'ର 'ସାହିତ୍ୟ' ପୃଷ୍ଠାରେ ଶ୍ରୀ ପତିଙ୍କର ଗୋଟିଏ ନୂଆ ଗଳ୍ପ ପ୍ରକାଶ ପାଇଥିଲା । ତାହାର ଶୀର୍ଷକ ଥିଲା 'ଶେଷ ଶିଳ୍ପ' । ସେହି ଗପର ଶେଷରେ ସେ ଲେଖିଥିଲେ- ''ଗଳ୍ପଲେଖକ ଗଳ୍ପଟିକୁ ଶେଷ କରିଦେଲା । ସେ ତା' କଲମକୁ ଫୋପାଡ଼ି ଦେଲା । ହୁଏତ ଏଇଟା ତା'ର ଶେଷ ଗଳ୍ପ ହୋଇପାରେ । ଆଗରେ ଶହେବର୍ଷର ଆୟୁଷ ତା' ଆଡ଼କୁ ଘୁଚିଂଘୁଚିଂ ଆସୁଛି ।'' ଏହାର ଆଧାରରେ, ସେଦିନ 'ସାହିତ୍ୟ' ପ ?ୃଷ୍ଠା ?ର ସଂପାଦକ ସେହି ଗପଟି ପ୍ରକାଶ କରିବା ବେଳେ ଗୋଟିଏ ସୂଚନା ଦେଇଥିଲେ, ଯେ ''ଏଇଟି ହୁଏତ ଅଚ୍ୟୁତାନନ୍ଦ ପତିଙ୍କର ଶେଷ ଗଳ୍ପ'' । ମାତ୍ର ଆମ ପାଇଁ ଆନନ୍ଦର କଥା, ଯେ ଶ୍ରୀ ପତି ତାଙ୍କର ସେଇ ଫୋପାଡ଼ି ଦେଇଥିବା କଲମକୁ ପୁଣି ଉଠାଇ ଧରିଛନ୍ତି । ଏବେ ଏବେ ଆଉ ଗୋଟିଏ ନୂଆ ଗପ ଲେଖିଛନ୍ତି । ସେ ଗପର ନାଆଁ ?'ସେ ଜଣେ' ।ଏ ନୂଆ ଗପର ସେ ଜଣକ କିଏ ? ଏହାର ଉତ୍ତର- ସେ ଜଣକ ନିଜେ ଗାଳ୍ପିକ ଅଚ୍ୟୁତାନନ୍ଦ ପତି । ସେଥିରେ ସେ ଲେଖିଛନ୍ତି- ''କଲମକୁ ପୋଛିଦେଇ ସେ ଚୁମିଦେଲେ । ତାଙ୍କର ମନେ ପଡ଼ିଗଲା, ଜୀବନ ହେଉଛି ଭଗବାନଙ୍କ ଉପନ୍ୟାସ । ଯଥାସମ୍ଭବ ସେଥିରୁ କିଛି ପ୍ରକାଶ କରିବାକୁ କଲମ ଧରିନେଲେ ସେ ଜଣକ । କଲମରେ ସମ୍ବେଦନର ସ୍ୟାଇ ଭରିକି ଥିଲା । କଲମକୁ ଚୁମିନେଇ ସେ କାଗଜରେ ଗାର ଦେଲେ ।'' ଏହା ସୂଚାଏ- ଅଚ୍ୟୁତାନନ୍ଦ ପତିଙ୍କର ଶେଷ ହୋଇ ନାହିଁ । ସେ ଅଶେଷ । ଏହି ସମସ୍ତ ଅଠରଟି ଯାକ ଗଳ୍ପକୁ ନେଇ ତାଙ୍କର ଦଶମ ନୂଆ ଗପବହି ତାଙ୍କର ଜନ୍ମ ଶତବାର୍ଷିକୀ ଅବସରରେ 'ଆମ ଓଡ଼ିଶା' ପକ୍ଷରୁ ପ୍ରକାଶ ପାଉଛି । ତାହାର ଶୀର୍ଷକ ରହିଛି- 'ଶେଷ ଶିଳ୍ପ' । ଆରମ୍ଭରେ ସୂଚିତ 'ଜୀବେମ ଶରଦ ଶତମ୍' ମନ୍ତ୍ରର ଶେଷ ପଙ୍‌କ୍ତି ହେଉଛି- ''ଭୂୟଶ୍ଚ ଶରଦଃ ଶତାତ୍ ।'' ଏଥିରେ ପ୍ରାର୍ଥନା କରାଯାଇଛି- ହେ ପ୍ରଭୁ ! ଆମେ ଯେପରି ଶହେଟି ଶରତଠାରୁ ବି ଅଧିକ ଏହିପରି ଜୀବନ ଜିଇଥାଉ ! ଏଣୁ ଆସନ୍ତୁ ! ଆଜି 'ଶହେବର୍ଷର ଯୁବକ' ଶ୍ରୀ ଅଚ୍ୟୁତାନନ୍ଦ ପତିଙ୍କ ପାଇଁ ଆମେ ଏହି ପ୍ରାର୍ଥନା କରିବା, ଯେ ଶହେବର୍ଷରୁ ବି ଅଧିକ ଶରତ ସେ ଏହିପରି ଜିଇଥାଆନ୍ତୁ ! ସେ ତଥାପି ଆମକୁ ନୂଆ ନୂଆ ଗପ ଓ ନୂଆ ଗପବହି ଉପହାର ଦେଉଥାଆନ୍ତୁ !

# ବାଣିଜ୍ୟେ ବସତି ଲକ୍ଷ୍ମୀ

ସୃଷ୍ଟିର ଶ୍ରେଷ୍ଠ ଜାତି ହିସାବରେ ମଣିଷ ନିଜ ଦେଶ, ନିଜ ଜାତି, ନିଜ ଭାଷାକୁ କେବଳ ଭଲ ପାଏନାହିଁ, ବରଂ ପ୍ରକୃତିକୁ ମଧ୍ୟ ବେଶ୍ ଭଲପାଏ । ପ୍ରାକୃତିକ ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଅନେକ ବୁଦ୍ଧିମାନ ତଥା ଉଚ୍ଚଶିକ୍ଷିତ ବ୍ୟକ୍ତି ବିଶେଷ କରି ବଣ, ପାହାଡ଼, ଝରଣା, ବରଫାବୃତ ପାର୍ବତ୍ୟ ଅଚଂଳରେ ଅନେକ ମନ୍ଦିର ମସ୍ଜିଦ୍, ଗୁରୁଦ୍ୱାରା, ବୌଦ୍ଧମନ୍ଦିର ନିର୍ମାଣ କରି ଏକ ଧାର୍ମିକ ପେଣ୍ଠସ୍ଥଳୀ ବା ତୀର୍ଥକ୍ଷେତ୍ରରେ ପରିଣତ କରିଦିଅନ୍ତି । ଆସ୍ଥାର ବଶବର୍ତ୍ତୀ ହୋଇ ଭକ୍ତମାନଙ୍କ ସହିତ ବିଦେଶୀ ପର୍ଯ୍ୟଟକମାନଙ୍କର ଉକ୍ତ ସ୍ଥାନକୁ ସୁଅ ଛୁଟେ । ସେଠାରେ ଭାଷା, ଧର୍ମ, ବର୍ଣ୍ଣ, ଜାତିର ପ୍ରତିବନ୍ଧକ ନଥାଏ, ବରଂ ପରସ୍ପରକୁ ସାହାଯ୍ୟ କରିବାପାଇଁ ଅନେକ ବ୍ୟବସାୟ କେନ୍ଦ୍ର ଖୋଲାଯାଏ । ବିଶେଷ କରି ହୋଟେଲ, ଧର୍ମଶାଳା, ସୁଲଭ ମୂଲ୍ୟରେ ଗାଡ଼ିମଟର ମିଳିବା ବ୍ୟତୀତ ଦୋକାନ ବଜାରରେ ସ୍ଥାନୀୟ ପଦାର୍ଥର ଉପଲବ୍ଧି, ସେଠାକାର ହସ୍ତଶିଳ୍ପ, ସ୍ଥାନୀୟ ବାସିନ୍ଦାଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ କରାଏ । ରାସ୍ତାଘାଟ, ବିଦ୍ୟୁତ୍ ସରବରାହ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥିତ ହେବା ସହିତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟର ସଂଖ୍ୟା ମଧ୍ୟ ବଢ଼ି ବଢ଼ି ଚାଲେ । ଉନ୍ନତ ପରିବେଶରେ ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରିବାକୁ ପସନ୍ଦ କରୁଥିବା ବେଳେ ଅଭିଭାବକମାନେ ମଧ୍ୟ ଘରଠାରୁ ଦୂରରେ ରହି ଏକ ସମ୍ପୂର୍ଣ୍ଣ ଶୈକ୍ଷିକ ବାତାବରଣ ମଧ୍ୟରେ ତାଙ୍କ ପିଲାମାନେ ଶିକ୍ଷା ଗ୍ରହଣ କରି ଶିକ୍ଷିତ ହୁଅନ୍ତୁ, ଭଲ ବ୍ୟବସାୟ କରନ୍ତୁ, ଉଚ୍ଚ ପଦସ୍ଥ ଅଫିସର ହୁଅନ୍ତୁ ଇତ୍ୟାଦି ଅନେକ ସ୍ୱପ୍ନ ଦେଖନ୍ତି । ସେଥିପାଇଁ ଦାର୍ଜିଲିଂ ଠାରୁ ଆରମ୍ଭ କରି ଡେରାଡୁନ୍, ନୈନିତାଲ, ପଶ୍ଚିମରେ ରାଜସ୍ଥାନର କୋଟା, ଦକ୍ଷିଣରେ ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ, କୋଲକାତା ଭଳି ଅନେକ ବଡ଼ ବଡ଼ ସହରରେ ବେଶ୍ ବଡ଼ ବଡ଼ ଧାର୍ମିକ ଅନୁଷ୍ଠାନ ଗଢ଼ିଉଠିବା ସହିତ ଶିକ୍ଷାନୁଷ୍ଠାନର ସଂଖ୍ୟା ମଧ୍ୟ ବଢ଼ି ଚାଲିଛି । କେବଳ ବିଦ୍ୟାର୍ଥୀ ନୁହଁନ୍ତି, ତୀର୍ଥଯାତ୍ରୀଙ୍କ ସହିତ ପର୍ଯ୍ୟଟନ ବିକାଶରେ ଦେଶର ସୁନାମ ବଢ଼ିବା ସହିତ ଉକ୍ତ ଅଚଂଳବାସୀଙ୍କୁ ଲକ୍ଷ୍ମୀ ପ୍ରାପ୍ତ ହୋଇଥାଏ ବୋଲି ଆମେ ଦୃଢ଼ ଭାବରେ କହିପାରିବା । ସେଥିପାଇଁ ବୋଧେ 'ବାଣିଜ୍ୟେ ବସତି ଲକ୍ଷ୍ମୀ' ଭଳି ଗଭୀର ଅର୍ଥକୁ ବହନ କରୁଥିବା ଉକ୍ତିଟି ଆମକୁ ଚଳଚଂଚଳ କରି ରଖିଥାଏ । ଏଇ ନିକଟରେ ଜଣେ ପର୍ଯ୍ୟଟକ ହିସାବରେ ଆମେ ଉଭୟ ସ୍ୱାମୀ, ସ୍ତ୍ରୀ ଏବଂ ଆମର ଜଣେ ବନ୍ଧୁ ତାଙ୍କର ପତ୍ନୀ ଉତ୍ତରାଖଣ୍ଡର ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବୁଲି ଦେଖିବାର ଆଶା ରଖି ମଇ ମାସ ଦଶ ତାରିଖରୁ ଘରୁ ବାହାରି ପଡ଼ିଲୁ । ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଦିଲ୍ଲୀର ଇନ୍ଦିରା ଗାନ୍ଧି ବିମାନ ବନ୍ଦର ଏବଂ ଦିଲ୍ଲୀରୁ ଉତ୍ତରାଖଣ୍ଡର ଡେରାଡୁନ୍ର ବିମାନ ବନ୍ଦରରେ ସନ୍ଧ୍ୟା ଛଅଟା ଭିତରେ ପହଚିଂଗଲୁ । ସେଠାରୁ ଆମପାଇଁ ଅପେକ୍ଷା କରିଥିବା ନିର୍ଦ୍ଦିଷ୍ଟ ଟ୍ୟାକ୍ସି ସାହାଯ୍ୟରେ ଆମ ପାଇଁ ଉଦ୍ଦିଷ୍ଟ ହୋଟେଲ୍ରେ ଘଟାଂଏ ମଧ୍ୟରେ ପହଚିଂଗଲୁ । ଗମନାଗମନର ଉନ୍ନତ ବ୍ୟବସ୍ଥା ଆମର ଯାତ୍ରାକୁ ଆରାମପ୍ରଦ କରିଦେଲା । ଆମ ଦେଶ ଯେ ଆଗଉଛି, ସଶକ୍ତ ହେଉଛି, ଲୋକମାନେ ସଭ୍ୟ ତଥା ଶିକ୍ଷିତ ହେଉଛନ୍ତି, ଏସବୁ ସତଯେପରି ଧୀରେ ଧୀରେ ସ୍ପଷ୍ଟ ଭାବେ ଦେଖାଯାଉଥାଏ । ପାରମ୍ପରିକ ବେଶଭୂଷା ବଦଳରେ ଚଳପ୍ରଚଳ ପାଇଁ ସୁବିଧା ହେଉଥିବା ପୋଷାକ ପିନ୍ଧି ମହିଳାମାନେ ନିଜର ଦକ୍ଷତା ସହିତ ଉନ୍ନତ ଚିନ୍ତାଧାରାକୁ ପ୍ରଦର୍ଶିତ କରୁଥାଆନ୍ତି । ମୁଁ କିନ୍ତୁ ଓଡ଼ିଶାର ଟେରାକୋଟା ହସ୍ତତନ୍ତର ଏକ ଶାଢ଼ିକୁ ପିନ୍ଧି ଡେରାଡୁନରେ ପହଚିଂଗଲି । ମୋ ପୋଷାକ ମୋତେ ବେଶ୍ ଗର୍ବିତ କରୁଥାଏ । କିନ୍ତୁ ପାହାଡ଼ ପର୍ବତର ଉଠାଣି ରହଣି ରାସ୍ତାରେ ଯିବା ଆସିବା କରିବା ଶିଡ଼ି ଚଢ଼ିବା, ଓହ୍ଲାଇବା ଭଳି କଷ୍ଟପ୍ରଦ କାମ ପାଇଁ ମୁଁ ମୋର ପୋଷାକକୁ ବଦଳାଇ ଦେଲି ଏବଂ ଏକ ସୁବିଧାଜନକ ପୋଷାକକୁ ଆପଣେଇ ନେଲି । ହୋଟେଲରେ ପହଚିଂ ମନେ ପକାଇଲି ଓଡ଼ିଶାର ସୁନ୍ଦର ପର୍ଯ୍ୟଟନସ୍ଥଳୀର ଦୁରବସ୍ଥାକୁ । ଫୁଲବାଣୀର ଦାରିଙ୍ଗିବାଡ଼ି ଠାରୁ ଆରମ୍ଭ କରି ମାଛକୁଣ୍ଡର ଡୁଡୁମା ଜଳପ୍ରପାତ, ଶିମିଳିପାଳର ବିରେହୀପାଣି ଜଳପ୍ରପାତ, ଯାହାର ଉଚ୍ଚତା ତିନିଶହ ଅନେଶତ ମିଟର, ସୁନ୍ଦରଗଡ଼ର ଖଣ୍ଡାଧାର ଜଳପ୍ରପାତ, ଆନ୍ଧ୍ର ଓଡ଼ିଶାର ସୀମାରେ ଥିବା ଡୁମ୍ଫୁମା ଜଳପ୍ରପାତ । କେନ୍ଦୁଝରର ବଡ଼ ଘାଗରା ଏବଂ ସାନ ଘାଗରା ସହିତ ଯୋରନ୍ଦାର ଚାରିଶହ ନବେ ଫୁଟ ଉଚ୍ଚତାବିଶିଷ୍ଟ ଜଳପ୍ରପାତ ନିକଟରେ ଶୀତଦିନେ ପର୍ଯ୍ୟଟକଙ୍କର ବେଶ୍ ଭିଡ଼ ଜମିଥାଏ । ରହିବା ପାଇଁ ହୋଟେଲ୍ ର ଘୋର ଅଭାବ, ଶୌଚାଳୟର ଅଭାବ, ଭୋଜିଭାତ କରିବାପାଇଁ ସ୍ଥାନର ଅଭାବ, ଗାଡ଼ି ପାର୍କିଂ କରିବା ପାଇଁ ସ୍ଥାନର ଅଭାବକୁ ପର୍ଯ୍ୟଟକମାନେ ଗଣମାଧ୍ୟମ ଆଗରେ ବଖାଣନ୍ତି । ମୋର ମଧ୍ୟ ପ୍ରତ୍ୟକ୍ଷ ଅନୁଭୂତି ସେମାନଙ୍କ ସହିତ ମିଶିଯାଏ । ଏବେ ପୁଣି ଉତ୍ତରାଖଣ୍ଡର ଶୈଳନିବାସ ସହିତ ହରିଦ୍ୱାର, ଋଷିକେଶ ଭଳି ତୀର୍ଥକ୍ଷେତ୍ରର ଉପସ୍ଥିତି ଯୋଗୁଁ ବାର୍ଷିକ ପ୍ରାୟ ଛଅକୋଟି ତିରିଶି ଲକ୍ଷ ଲୋକଙ୍କର ସମାଗମ ହେଉଛି ଜାଣି ଆଶ୍ଚର୍ଯ୍ୟ ହେଲି । ହରିଦ୍ୱାରରେ ସାଢ଼େ ତିନିକୋଟି ଲୋକ ଗଙ୍ଗାସ୍ନାନ କରିବା ସହିତ ଗଙ୍ଗା ଆଳତି କରନ୍ତି । ଶହ ଶହ ମନ୍ଦିର ମଧ୍ୟରେ ଭାରତ ମାତାଙ୍କର ମନ୍ଦିର ଆମ ଆଗରେ ଅନେକ କିଛି ଶିକ୍ଷଣୀୟ ଘଟଣାକୁ ପ୍ରଦର୍ଶିତ କରୁଥାଏ । ଡେରାଡୁନ୍ ର ଗରମ ପରିବେଶରେ ବର୍ଷକୁ ପ୍ରାୟ ଶତଷଠି ଲକ୍ଷ ପର୍ଯ୍ୟଟକଙ୍କର ସମାଗମ ହୁଏ । ଆମ ଓଡ଼ିଶାରେ ବାର୍ଷିକ ମାତ୍ର ସତାବନ ହଜାର ବିଦେଶୀ ପର୍ଯ୍ୟଟକଙ୍କ ସହିତ ଅନ୍ୟ ରାଜ୍ୟରୁ ଆସୁଥିବା ପର୍ଯ୍ୟଟକମାନଙ୍କର ସଂଖ୍ୟା ଏକ କୋଟି ତେର ଲକ୍ଷରେ ପହଚିଂଛି । ଯାହା ଆମର ପ୍ରଶାସନିକ ବ୍ୟବସ୍ଥାଠାରୁ ଆରମ୍ଭ କରି ନେତୃବୃନ୍ଦଙ୍କର ଆନ୍ତରିକତାକୁ ନେଇ ଅନେକ ପ୍ରଶ୍ନ ଠିଆ କରୁଛି । କେତେ ଦିନଯାଏଁ ଓଡ଼ିଆ ଜାତି ଏଭଳି ପଛୁଆ ହୋଇ ରହିଥିବେ ଭାବି ଆମେ ଚାରିଜଣ ପରସ୍ପରକୁ ପ୍ରଶ୍ନ ପଚାରିଲୁ । ହିମାଳୟ ପର୍ବତମାଳାର ପ୍ରାୟ ପଚିଶି ହଜାର ସାତ ଶହ ଫୁଟ ଉଚ୍ଚତାରେ ଥିବା ଉତ୍ତରାଖଣ୍ଡର ସର୍ବୋଚ୍ଚ ସ୍ଥାନକୁ ଯୋଗାଯୋଗ କରୁଥିବା ଅଙ୍କାବଙ୍କା ରାସ୍ତାରେ ଶହ ଶହ ଗାଡ଼ି ମଟର ଯିବାଆସିବା କରିବା ସତ୍ତ୍ୱେ ଦୁର୍ଘଟଣାର ସଂଖ୍ୟା ଖୁବ୍ କମ୍ ଥାଏ । ଡ୍ରାଇଭରମାନଙ୍କ ସହଯୋଗର ମନୋଭାବ ସହିତ ମାଦକ ଦ୍ରବ୍ୟର ବ୍ୟବହାର ଉପରେ ସଂଯମତା, ବିଶେଷକରି କଠୋର ଟ୍ରାଫିକ ବ୍ୟବସ୍ଥା ଅନେକ ଦୁର୍ଘଟଣାକୁ ଏଡ଼ାଇ ପାରୁଛି ବୋଲି ଜାଣିବାକୁ ପାଇଲି । ଦିନସାରାର ଧାଁ ଧଉଡ଼ ମଧ୍ୟରେ ରାତିରେ ଆମର ପରମ ଆରାଧ ଦେବତା ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହାତ ଦୁଇଟି ଉପରକୁ ଉଠିଯାଏ । ସେତେବେଳେ ମଧ୍ୟ ପୁଣି ଥରେ ମନ ମଧ୍ୟକୁ ପଶିଆସେ ଲିଙ୍ଗରାଜ ମନ୍ଦିର, କୋଣାର୍କ ମନ୍ଦିର, ଖ୍ରୀଷ୍ଟପୂର୍ବ ଛଅଶହ ଶତାବ୍ଦୀରେ ତିଆରି ହୋଇଥିବା ରାଜାରାଣୀ ଏବଂ ପରଶୁରାମେଶ୍ୱର ମନ୍ଦିର ସହିତ ମାଆ ବିରଜାଙ୍କ ମନ୍ଦିର, ତାରାତାରିଣୀ ମନ୍ଦିର ବ୍ୟତୀତ ପ୍ରାୟ ତିନିହଜାର ତିନିଶହ ଛୋଟ ବଡ଼ ପୁରାତନ ମନ୍ଦିର ଆମର ସଂସ୍କୃତି ଏବଂ ଐତିହ୍ୟକୁ ଜାଗ୍ରତ କରି ରଖିଛି । ତଥାପି ଆମେ କାହିଁକି ପଛୁଆର ଉନ୍ନତ ଆମ ପାଖରେ ନଥିଲା । ଦୀର୍ଘ ପାଚଂ ଶହ ସତୁରି କି.ମି. ବ୍ୟାପୀ ବିସ୍ତୀର୍ଣ୍ଣ ସମୁଦ୍ର ଉପକୂଳ ତା'ର ସୌନ୍ଦର୍ଯ୍ୟକରଣ ସହିତ ରକ୍ଷଣାବେକ୍ଷଣ, କେରଳ, ମହାରାଷ୍ଟ୍ର, ଗୁଜୁରାଟ ତୁଳନାରେ କମ୍ ଥିବା ଭଳି ମନେହେଲା । ଆମ ଚାରିଜଣଙ୍କର କଥୋପକଥନରେ ସ୍ଥାନ ପାଇଲା ଆରବ ସାଗରର ଶାନ୍ତ ରୂପ ସହିତ ବଙ୍ଗୋପସାଗରର ସୁଉଚ୍ଚ ତରଙ୍ଗମାଳା ଏବଂ ଭୀମଭୈରବ ଶବ୍ଦ, ତା' ସହିତ ଭୟଙ୍କର ଝଡ଼ବାତ୍ୟାର ଉତ୍ପତ୍ତିସ୍ଥଳ ସାଜିଥିବା ବଙ୍ଗୋପସାଗର ଓଡ଼ିଶାର ଉପକୂଳବାସୀଙ୍କୁ ବେଳେବେଳେ ତଳିତଳାନ୍ତ କରିଦିଏ । ଏତେସବୁ ପ୍ରାକୃତିକ ବିପର୍ଯ୍ୟୟକୁ ସାମନା କରୁଥିବା ଉପକୂଳ ଅଚଂଳର ବାସିନ୍ଦାମାନେ ଏବେ ସମୁଦ୍ରକୁ ଦେଖିଲେ ଡରୁଛନ୍ତି । କେତେବେଳେ ଯେ ବଙ୍ଗୋପସାଗର କୂଳଲଙ୍ଘି ତାଙ୍କ କବାଟ ପାଖରେ ପହଚିଂଯିବ, ତାକୁ ବିଶ୍ୱାସ କରିହେବନାହିଁ । ଏକ ହାସ୍ୟରୋଳ ମଧ୍ୟରେ ରାତିଟା ପାହିଗଲା । ପୂର୍ବ ନିର୍ଦ୍ଧାରିତ ସମୟରେ ଉଭୟ ପରିବାର ନିଜ ନିଜ ରୁମ୍ରୁ ବାହାରି ନୈନିତାଲର ପ୍ରସିଦ୍ଧ ହ୍ରଦ ପାଖରେ ପହଚିଂଗଲୁ । ସକାଳର ସୂର୍ଯ୍ୟକିରଣ ସହିତ ସୁଲୁସୁଲିଆ ଥଣ୍ଡା ପବନ ପୂର୍ବଦିନର କ୍ଲାନ୍ତିକୁ ଦୂର କରିଦେଉଥାଏ । ହ୍ରଦର କୂଳରେ ମାଆ ନୟନାଦେବୀଙ୍କର ମନ୍ଦିର । ତାଙ୍କ ନିର୍ଦ୍ଦେଶରେ ହ୍ରଦରେ ବଢୁଥିବା ମାଛଙ୍କୁ କେହି ମାରି ଖାଇବେ ନାହିଁ, କିମ୍ୱା ସେମାନଙ୍କୁ କେହି ବାହାର ଖାଦ୍ୟ ଖାଇବାକୁ ଦେବେନାହିଁ । ମାଛପ୍ରେମୀମାନେ ହ୍ରଦକୂଳରେ ଏକାଠି ହୋଇ ହଜାର ହଜାର ମାଛଙ୍କର ଚଳପ୍ରଚଳ ବେଳର ଫଟୋକୁ ଉଠାଉ ଥାଆନ୍ତି ତ କିଏ ଭିଡିଓ କରୁଥାଆନ୍ତି ମାଆଙ୍କର ନିର୍ଦ୍ଦେଶକୁ ଅମାନ୍ୟ କରିବାର କ୍ଷମତା କାହାର ନାହିଁ । ହ୍ରଦ ମଧ୍ୟରେ ପ୍ରାୟ ପା*ଶହରୁ ଅଧିକ ଆହୁଲାମରା ଡଙ୍ଗା ଚାଲିଥାଏ । ପଚାରି ବୁଝିଲାରୁ ଜଣାଗଲା ଯେ, ଉକ୍ତ ହ୍ରଦର ପାଣି ସାରା ସହରକୁ ପାନୀୟ ଜଳରେ ପରିଣତ କରି ଯୋଗାଇ ଦିଆଯାଉଛି । ଡିଜେଲ କିମ୍ୱା ପେଟ୍ରୋଲଚାଳିତ ଇଂଜିନ ଥିବା ବୋଟ୍ ହ୍ରଦର ପାଣିକୁ ଦୂଷିତ କରିଦେବ । ସେଥିପାଇଁ ଏଠାରେ ପ୍ୟାଡେଲ ଚାଳିତ ଏବଂ ଆହୁଲାଚାଳିତ ଡଙ୍ଗାରେ ବୋଟିଂ କରିବାର ବ୍ୟବସ୍ଥା କରାଯାଇଛି । ସେଠାକାର ସଚେତନ ନାଗରିକଙ୍କ ସହିତ ପ୍ରଶାସନିକ ଦୃଢ଼ତାକୁ ନୈନିତାଲ୍ ହ୍ରଦ ସତେ ଯେପରି ସର୍ବସମ୍ମୁଖରେ ପ୍ରଦର୍ଶିତ କରୁଥାଏ । ଅଧିକାଂଶ ବଙ୍ଗାଳୀ ପର୍ଯ୍ୟଟକ ମାଛମାନଙ୍କୁ ଦେଖି କେବଳ ଫଟୋ ଉଠାଉଥାଆନ୍ତି । ଆମେ ଓଡ଼ିଆ ମଧ୍ୟ କମ୍ ମାଛପ୍ରିୟ ନୋହୁଁ । ତଥାପି ମାଆଙ୍କର ନିର୍ଦ୍ଦେଶ ଆମର ଲାଳସା ଉପରେ ରୋକ ଲଗାଇଥାଏ । ଆମେ ବିନା ଆମିଷରେ ପ୍ରାୟ ଦଶଦିନ କଟାଇ ଓଡ଼ିଶାକୁ ଫେରିଆସିଲୁ । ତଥାପି ଏବେ ମନ ମଧ୍ୟରେ ଆଶା ଅଛି, ଆମେ ମଧ୍ୟ ଲକ୍ଷ୍ମୀଙ୍କର କୃପାକୁ ଲାଭ କରିପାରିବା ।

# 'ଜଗନ୍ନାଥ' : ଜୀବନ ମୋକ୍ଷ ହିଁ ଅମୃତ ଉପଲବ୍ଧି

ମହାପ୍ରଭୁଙ୍କ ଲୀଳା ଅବର୍ଣ୍ଣନୀୟ । ସେ ବିଶ୍ୱ ନିୟନ୍ତା । ସେ ସକଳ ଶକ୍ତି, ସକଳ ଚେତନା, ସକଳ ଆଦର୍ଶର ଜୀବନଶକ୍ତି । ଜଗନ୍ନାଥ କିଏ ? ତାଙ୍କର ନାମ ହିଁ ତାଙ୍କର ପରିଚୟ । ସେ ଦୃଶ୍ୟ ଓ ଅଦୃଶ୍ୟ ସମସ୍ତ ଜଗତରନାଥ । ସମସ୍ତ ଜଗତକୁ ସେ ନିଜ ଭିତରେ ଧାରଣ କରିରଖିଛନ୍ତି । ବିଶ୍ୱର ସବୁଧର୍ମ - ସଂସ୍କୃତିର ମୂଳପିଣ୍ଡ ଶ୍ରୀଜଗନ୍ନାଥ ହେଉଛନ୍ତି ଏକ ଗଣ ଦେବତା । ତେଣୁ ଶ୍ରୀଜଗନ୍ନାଥ ସଂସ୍କୃତି ଏକ ଗଣ ସଂସ୍କୃତିରେ ପରିଚିତ ହେବା ସ୍ୱାଭାବିକ । ଏହି ସଂସ୍କୃତିର ଅନାର୍ଯ୍ୟଭାବ, ଆର୍ଯ୍ୟଭାବ, ହିନ୍ଦୁ, ଜୈନ, ବୌଦ୍ଧ, ଶାକ୍ତ, ଶୈବ, ଗାଣପତ୍ୟ ଓ ବୈଷ୍ଣବଭାବ ପ୍ରଭୃତି ବିଭାବ ଦ୍ୱାରା ଭାବମୟ ଶ୍ରୀଜଗନ୍ନାଥ ଉପାସିତ । ଶ୍ରୀଜଗନ୍ନାଥ ଧର୍ମର ମହତ୍ତ୍ୱ ପ୍ରଖ୍ୟାପନ କରି କୁହାଯାଇଛି ଏହି ଧର୍ମ ହେଉଛି ସନାତନଧର୍ମ, ଏହାର ପୁଣ୍ୟକ୍ଷେତ୍ର ହେଉଛି ଶ୍ରୀପୁରୁଷୋତ୍ତମ, ଦେବତା ହେଉଛନ୍ତି ଶ୍ରୀଜଗନ୍ନାଥ, ମାଳା ହରିନାମ, ତୀର୍ଥ ତୀର୍ଥରାଜ ସମୁଦ୍ର, ଧ୍ୟାନ ପରମବ୍ରହ୍ମ, ଜ୍ଞାନ ଆତ୍ମଜ୍ଞାନ, ଭକ୍ତି ନାମ ସ୍ମରଣ, ମଣୋହୀ ନିର୍ମାଲ୍ୟ, ବିହାର ହେଉଛି ବୈକୁଣ୍ଠ । ଏହି ଧର୍ମର ସମଦର୍ଶୀ ବ୍ରହ୍ମ-ଭାବରୁ ପ୍ରତୀୟମାନ ହୁଏ ଯେ ଏହା ସନାତନ ବିଶ୍ୱଧର୍ମ ।ଶ୍ରୀମଦ୍ ଭାଗବତ ଗୀତାରେ କୁହାଯାଇଛି - 'ଅନେକ ବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ । ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ।।' ଅନେକ ବାହୁ, ଉଦର, ବଦନ ଓ ନେତ୍ର ବିଶିଷ୍ଟ ଅନନ୍ତରୂପ ତୁମକୁ ସର୍ବଦିଗରେ ମୁଁ ଦର୍ଶନ କରୁଛି । କିନ୍ତୁ ହେ ବିଶ୍ୱେଶ୍ୱର, ହେ ବିଶ୍ୱରୂପ, ମୁଁ ତୁମର ଆଦି, ଅନ୍ତ କିମ୍ୱା ମଧ୍ୟ କିଛି ଦେଖିପାରୁନାହିଁ । ଦେହ ମଧ୍ୟରେ ଦେହୀ ଶ୍ରୀଜଗନ୍ନାଥ ନିତ୍ୟ ବିରାଜିତ । ସେ ଆତ୍ମା ରୂପରେ ରହିଛନ୍ତି । ବର୍ହିଜଗତରେ ଯେପରି ତାଙ୍କର ଇଚ୍ଛାରେ ସବୁକିଛି ଚାଲିଛି, ସେହିପରି ଦେହ ମଧ୍ୟରେ ସେ ହିଁ ଶ୍ୱାସପ୍ରଶ୍ୱାସର କାରଣ । ତାଙ୍କ ବିନା ଏହି ଦେହ ଦେବାଳୟ ଶ୍ରୀହୀନ, ଜଡ଼, ମୃତ୍ୟୁ । ଉତ୍କଳର ସାଂସ୍କୃତିକ ପ୍ରବାହରେ ମାନବିକ ପ୍ରାଣୋଚ୍ଛ୍ୱାସର ଭକ୍ତବତ୍ସଳ ପ୍ରଭୁ ଶ୍ରୀ ଜଗନ୍ନାଥ, ସଂସ୍କୃତିର ମହାପ୍ରବାହକୁ ଉଜ୍ଜିବୀତ କରିବାପାଇଁ ରତ୍ନସିଂହାସନରୁ ଓହ୍ଲାଇ ଆସନ୍ତି ଉଦ୍‌ଗ୍ରୀବ ଭକ୍ତମାନଙ୍କ ଗହଣକୁ । ବିସ୍ମୟ ଓ ବିସ୍ଫାରିତ ନୟନରେ ବିଶାଳ ବାହୁ ବିସ୍ତାର କରି ଆପଣାର କରିନିଅନ୍ତି ସମସ୍ତ ଭକ୍ତଜନଙ୍କୁ । ଏହିଠାରେ ହିଁ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ସ୍ଥାପିତ ହୋଇଥାଏ ଅପୂର୍ବ ସମନ୍ୱୟର ସେତୁ । ଏହି ସମନ୍ୱୟ ସଂସ୍କୃତିର ଅମୃତ ଝଙ୍କାରରେ କେବଳ ଓଡ଼ିଶା ନୁହେଁ, କି ଭାରତ ବର୍ଷନୁହେଁ ସମଗ୍ର ସୃଷ୍ଟିର ଜନଜୀବନକୁ ଯୁଗଯୁଗ ଧରି ଗଭୀର ଭାବଗତ ସ୍ତରରେ ଏକାତ୍ମ କରିଦିଏ । ଶ୍ରୀଜଗନ୍ନାଥଙ୍କ ଶରଣ ନେଲେ ଜୀବନ ଜଗନ୍ନାଥମୟ ହୋଇଥାଏ । ପ୍ରତ୍ୟେକ ଦୃଶ୍ୟରେ ପୁରୁଷୋତ୍ତମ ଜଗନ୍ନାଥଙ୍କୁ ଦର୍ଶନ କରିହୁଏ । ପ୍ରତ୍ୟେକ ଚିନ୍ତାରେ ସେ ଚିନ୍ତାମଣି ଜଗନ୍ନାଥଙ୍କୁ ଉପଲବ୍ଧ କରିହୁଏ ତାହା ହିଁ ଜୀବନର ସାର୍ଥକତା ଏବଂ ପରିପୂର୍ଣ୍ଣତା ।

Printed, Published, Edited and Owned by Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସମ୍ପାଦକ: ପ୍ରକାଶ କୁମାର ଧଳ
Mobile : 9439951525, Email: utkalsamachar@gmail.com / utkalsamachar@rediffmail.com ( ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନୁଯାୟୀ ଉତ୍ତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟାଳୟର ଅଧୀନରେ ହିଁ ହେବ । ) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003




# ରାଉରକେଲାରେ ଆନ୍ତଃରାଜ୍ୟ ଅବୈଧ ଜୁଆ ରାକେଟର ସହ ଅଭିଯୁକ୍ତ ଗିରଫ



ରାଉରକେଲା,୨୫/୬(ନି/ପ୍ର): ଓଡ଼ିଶା-ଝାଡ଼ଖଣ୍ଡ ଆନ୍ତଃରାଜ୍ୟ ସୀମାରେ କାର୍ଯ୍ୟ କରୁଥିବା ଏବଂ ବାଜିରେ ଅଧିକ ଲାଭର ପ୍ରତିଶ୍ରୁତି ଦେଇ ଲୋକଙ୍କୁ ଠକୁଥିବା ଅଭିଯୋଗରେ ରାଉରକେଲା ପୋଲିସ ପକ୍ଷରୁ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହି ମାମଲାଟି ପ୍ରାରମ୍ଭିକ ଭାବରେ ୨୦୨୬ ଜୁନ୍ ୮ରେ ଧରାପଡ଼ିଥିଲା। ପୋଲିସ ସ୍ଥାନୀୟ ଲୁଆକେରାରେ ଅଂଚଳରେ 'ଘୁଡୁଘୁଡି ପଟି' ନାମରେ ପରିଚିତ ଏକ ସଂଗଠିତ ବେଆଇନ ଜୁଆ ଆଡ୍ଡାର ପର୍ଦ୍ଦାଫାସ କରିଥିଲା। ଏହି ରାକେଟଟି ସେକ୍ଟର-୧୫ ଥାନା ସୀମା ଅନ୍ତର୍ଗତ ଲୁଆକେରା ଗ୍ରାମର ଦୁଇ ଭାଇ ବାହନା କଂସାରି ଏବଂ ଦିଲୀପ କଂସାରି ଦ୍ୱାରା ପରିଚାଳିତ ହେଉଥିଲା ବୋଲି ଅଭିଯୋଗ ହୋଇଛି। ପୋଲିସ ଅନୁଯାୟୀ, ଏହି ଦୁହେଁ ନିରୀହ ଲୋକଙ୍କୁ ଲାଭଜନକ ଲାଭର ପ୍ରତିଶ୍ରୁତି ଦେଇ ବେଆଇନ ଜୁଆ ନେଟୱାର୍କ ମାଧ୍ୟମରେ ପ୍ରଚୁର ସମ୍ପତ୍ତି ସଂଗ୍ରହ କରିଥିଲେ। ପୋଲିସ କର୍ମଚାରୀଙ୍କ ସହ ଇନ୍ସପେକ୍ଟର-ଇନ୍-ଚାର୍ଜ (ଓଓଉ) ଦ୍ୱାରା କରାଯାଇଥିବା ଚଢାଉ ସମୟରେ, ଅଧିକାରୀମାନେ ବିପୁଳ ପରିମାଣର ନଗଦ, ସୁନା ଏବଂ ରୂପା ଅଳଙ୍କାର, ତିନୋଟି କାର, ଚାରୋଟି ଦୁଇ ଚକିଆ ଯାନ, ତିନୋଟି ମୋବାଇଲ୍ ଫୋନ୍, ୬୮ଟି ଡାଇସ୍ ସହିତ ଜୁଆ କାର୍ଯ୍ୟକଳାପରେ ବ୍ୟବହୃତ ଚାରୋଟି ବାଉଁଶ ତିଆରି ଟୋକେଇ ଏବଂ ଏକ ଟଙ୍କା ଗଣନା ମେସିନ୍ ଜବତ କରିଥିଲେ। ବାହନା କଂସାରୀ ଏବଂ ଦିଲୀପ କଂସାରୀ ଉଭୟଙ୍କୁ ଜୁନ୍ ୮ ତାରିଖରେ ପୋଲିସ ପକ୍ଷରୁ ଗିରଫ କରି କୋର୍ଟକୁ ପଠାଯାଇଥିଲା। ତଦନ୍ତ ଜାରି ରଖି, ପୋଲିସ ବୁଧବାର ଆଉ ଜଣେ ସହ-ଅଭିଯୁକ୍ତଙ୍କୁ ଗିରଫ କରିଛି।ଅଭିଯୁକ୍ତର ନାମ ବିକି ସାହୁ (୩୬) ହୋଇଥିଲା ବେଳେ ସେ ରାଉରକେଲାର ରଘୁନାଥପାଲ୍ଲୀ ଥାନା ଅଧିନସ୍ଥ ପାନପୋଷ ମ୍ୟୁନିସିପାଲିଟି ହାଇସ୍କୁଲ ନିକଟରେ ରହୁଥିବା ଦିଲ୍ଲୀପ ସାହୁଙ୍କ ପୁଅ। ତାଙ୍କୁ ସେହି ଦିନ କୋର୍ଟରେ ହାଜର କରାଯାଇଥିଲା। ଗିରଫ ସମୟରେ, ପୋଲିସ ତାଙ୍କ ନିକଟରୁ ଏକ ଆଇଫୋନ୍ ୧୬, ଏକ ଭିଭୋ ଝ୪ଘ ମୋବାଇଲ୍ ଫୋନ୍ ଏବଂ ୧.୫ ଲକ୍ଷ ଟଙ୍କା ଜବତ କରିଛି। ପୋଲିସ କହିଛି ଯେ, ବେଆଇନ ଜୁଆ ନେଟୱାର୍କରେ ସମ୍ପୃକ୍ତ ଅନ୍ୟ ବ୍ୟକ୍ତିମାନଙ୍କୁ ଚିହ୍ନଟ ଏବଂ ଗିରଫ କରିବା ପାଇଁ ପ୍ରୟାସ ଚାଲିଛି। ତଦନ୍ତର ଅଂଶ ସ୍ୱରୂପ ଗିରଫ ଅଭିଯୁକ୍ତମାନଙ୍କର ଅପରାଧିକ ପୂର୍ବବର୍ତ୍ତୀ ତଥ୍ୟ ମଧ୍ୟ ଯାଂଚ କରାଯାଉଛି।

# ରେଳ ଷ୍ଟେସନ୍ ନିକଟରେ ଯୁବକଙ୍କୁ ଲୁହାରଡରେ ଆକ୍ରମଣ : ଗୁରୁତର ଆହତଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର




ରାଉରକେଲା,୨୫/୬(ନି/ପ୍ର): ବୁଧବାର ଦିନ ରାଉରକେଲା ରେଳ ଷ୍ଟେସନ ନିକଟରେ ଯୁବକଙ୍କୁ ଲୁହା ରଡ୍‌ରେ ଆକ୍ରମଣ ଘଟଣାରେ, ଆହତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି। ରାଉରକେଲା ରେଳ ଷ୍ଟେସନ ନିକଟରେ ବୁଧବାର ସନ୍ଧ୍ୟାରେ ଘଟିଥିବା ଏକ ଚାଂଚଲ୍ୟକର ଘଟଣାରେ ଜଣେ ଯୁବ ଦୋକାନୀଙ୍କୁ କେତେକ ଅଜଣା ଯୁବକ ଲୁହା ରଡ୍ ଭୂଷି ଗୁରୁତର ଆହତ କରିଥିଲେ। ଘଟଣାରେ ଆହତ ଯୁବକଙ୍କ ନାମ ଛୋଟେ ଲାଲ ଭଦେରିଆ ବୋଲି ଜଣା ପଡିଛି। ଆହତ ଶ୍ରୀ ଭଦେରିଆ ମଧ୍ୟପ୍ରଦେଶର ହୋଇଥିବା ବେଳେ ଷ୍ଟେସନରେ ଫୁଡ୍ ଭେଣ୍ଡର୍ କାମ କରୁଥିଲେ। ଗତକାଲି ତାଙ୍କୁ ସରକାରୀ ହସ୍ପିଟାଲ୍ ପରେ ଜେପି ଏବଂ ଆପୋଲୋ ହସ୍ପିଟାଲ୍ ନିଆ ଯାଇଥିଲା। ମାତ୍ର ସେଠାରେ ଭଲ ନହେବାରୁ ଆଜି ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ତାଙ୍କ ପେଟରେ ପଶିଥିବା ମୁନିଆଁ ରଡ୍ ଏପର୍ଯ୍ୟନ୍ତ ବାହାର କରାଯାଇ ପାରିନାହିଁ। ଯସୂଚନା ଅନୁସାରେ ରେଳ ଷ୍ଟେସନର ଦ୍ୱିତୀୟ ଗେଟ୍ ନିକଟ ଗୋପବନ୍ଧୁପାଲିକୁ ଯାଇଥିବା ରାସ୍ତାରେ ଏହି ଘଟଣା ଘଟିଥିଲା। କିଛି ଅଜଣା ଯୁବକ ହଠାତ୍ ଯୁବକଙ୍କ ଉପରେ ଆକ୍ରମଣ କରି ଲୁହା ରଡ୍‌ରେ ଭୂଷି ଦେଇଥିବା ଅଭିଯୋଗ ହୋଇଛି।ଆକ୍ରମଣ ପରେ ଦୁର୍ବୃତମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଆକ୍ରମଣରେ ଯୁବକଙ୍କ ପେଟରେ ଗୁରୁତର ଆଘାତ ଲାଗିଥିବା ବେଳେ ମୁନିଆଁ ଲୁହା ରଡ୍‌ଟି ପେଟ ଭିତରେ ପଶି ଲାଗି ରହିଛି। ସ୍ଥାନୀୟ ଲୋକ ଏବଂ ପୋଲିସ୍ ତୁରନ୍ତ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲ ପଠାଇଥିଲେ।ଏହିଘଟଣାରେ ପୋଲିସ୍ ୨/୩ ଜଣଙ୍କୁ ଅଟକ ରଖି ପଚରା ଉଚୁରା କରୁଛି।ଆକ୍ରମଣର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ପୋଲିସ ବିଭିନ୍ନଦିଗରୁ ଘଟଣାର ତଦନ୍ତ ଚଳାଇଛି।

# ରାସ୍ତାର ଫୁଟ୍ ପାଥରେ ଚାଲିବା ଲୋକଙ୍କ ମୌଳିକ ଅଧିକାର : ସୁପ୍ରିମକୋର୍ଟ



ରାଉରକେଲା,୨୫/୬(ନି/ପ୍ର): ସହର ରାସ୍ତାର ଫୁଟପାଥରେ ଚାଲିବା ଲୋକଙ୍କ ମୌଳିକ ଅଧିକାର ବୋଲି କହିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ। ଲୋକଙ୍କ ମୌଳିକ ଅଧିକାରକୁ ସୁରକ୍ଷା ଦେବା ପ୍ରଶାସନର ଦାୟିତ୍ୱ। ରାସ୍ତାରେ ଗାଡି ଚାଳନା ସରକାରଙ୍କ ପରିବହନ ବିଭାଗ ଦ୍ୱାରା ନିୟନ୍ତ୍ରିତ ହେଉଥିବା ବେଳେ ଫୁଟପାଥଗୁଡିକ ପରିବହନ ବିଭାଗ ଅଧୀନରେ ରହିବ ନାହିଁ। ଫୁଟପାଥ ଜବରଦଖଲ କିମ୍ବା କାହା ଅକ୍ତିଆରରେ ରହିଲେ, ତାକୁ ନିୟନ୍ତ୍ରଣ ମୁକ୍ତ କରିବା ପ୍ରଶାସନର ଦାୟିତ୍ୱ ବୋଲି କହି ଦେଶର ସର୍ବୋଚ୍ଚ ନ୍ୟାୟାଳୟ। ଏକ ପିଲା ରାସ୍ତାରେ ଚାଲୁଥିବା ବେଳେ ଗାଡି ଧକ୍କାରେ ପ୍ରାଣ ହରାଇବା ମାମଲାର ବିଚାର କରି ଏପରି ରାୟ ଦେଇଛନ୍ତି ସର୍ବୋଚ୍ଚ ଅଦାଲତର ଦୁଇ ଜଣିଆ ଖଣ୍ଡପୀଠ। ଭାରତରେ ଏକ ସୀମାବଦ୍ଧ (ଫୁଟପାଥ) ପାଦଚଲା ରାସ୍ତାରେ ଚାଲିବା ଏକ ସ୍ୱୀକୃତ ମୌଳିକ ଅଧିକାର। ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ, ସୁରକ୍ଷିତ ପାଦଚଲା ରାସ୍ତାରେ ସୁରକ୍ଷିତ ଭାବରେ ଚାଲିବାର ଅଧିକାର ଧାରା ୨୧ ଅନୁଯାୟୀ ଜୀବନ ଅଧିକାର ଏବଂ ସମ୍ବିଧାନର ଧାରା ୧୯(୧)(ଡି) ଅନୁଯାୟୀ ମୁକ୍ତ ଗତିର ଅଧିକାର ସହିତ ଅବିଚ୍ଛେଦ୍ୟ ଭାବରେ ଜଡିତ। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ ପଦଯାତ୍ରୀମାନଙ୍କୁ ସୁରକ୍ଷା ଦେବା ପାଇଁ ଐତିହାସିକ ନିର୍ଦ୍ଦେଶ ଜାରି କରିଛନ୍ତି। କୋର୍ଟ ଘୋଷଣା କରିଛନ୍ତି ଯେ ସୁରକ୍ଷିତ, ସୀମାବଦ୍ଧ ପାଦଚଲା ରାସ୍ତାରେ ଚାଲିବା ଜଣେ ପଦଯାତ୍ରୀଙ୍କ ଅଧିକାର ଏବଂ ମୋଟରଯାନ ଗତି ଏବଂ ସୁବିଧା ଅପେକ୍ଷା ସମ୍ପୂର୍ଣ୍ଣ ଅଗ୍ରାଧିକାର ନେଇଥାଏ। ମହାନଗର ନିଗମ, ପଚାଂୟତ ଏବଂ ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷମାନଙ୍କର ସୁରକ୍ଷିତ, ବାଧାମୁକ୍ତ ପାଦଚଲା ରାସ୍ତା ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କରିବା ଏକ ପ୍ରବର୍ତ୍ତନୀୟ ଆଇନଗତ କର୍ତ୍ତବ୍ୟ। ଫୁଟପାଥ ବାଧାମୁକ୍ତ ହେବା ପାଇଁ ଡିଜାଇନ୍ ହେବା ଆବଶ୍ୟକ, ଯାହା ପିଲା, ବୃଦ୍ଧ ଏବଂ ଅକ୍ଷମ ବ୍ୟକ୍ତିଙ୍କ ପାଇଁ ନିରାପଦ ବ୍ୟବହାର ସୁନିଶ୍ଚିତ କରିବ। ନାଗରିକମାନେ ଫୁଟପାଥରେ ଚାଲିବା ବେଳେ ଅସୁବିଧାର ସମ୍ମୁଖୀନ ହେଲେ ଏହାର ପ୍ରତିକାର ଲୋଡ଼ିବା ଏବଂ ସୁରକ୍ଷିତ, ଜବରଦଖଲମୁକ୍ତ ପାଦଚଲା ସ୍ଥାନ ପ୍ରଦାନ କରିବାରେ ବିଫଳ ହେବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ଆଇନଗତ ଭାବରେ ଦାୟୀ କରିବା ପାଇଁ ସାମ୍ବିଧାନିକ ଆଧାର ଅଛି। ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟଙ୍କ ଏହି ରାୟ ପରେ ରାଜ୍ୟର ଥିବା ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଏବଂ ପୁରୀ ମହାନଗର ନିଗମ ଅଚଂଳର ଫୁଟପାଥକୁ କିପରି ନିୟନ୍ତ୍ରଣ ମୁକ୍ତ କରି ପଥଚାରୀଙ୍କ ଚାଲିବାର ମୌଳିକ ଅଧିକାରକୁ ସୁରକ୍ଷା ଦେବାରେ ସମର୍ଥ ହୋଇପାରୁଛନ୍ତି, ତାହା ଦେଖିବାକୁ ବାକି ରହିଲା।

# ହୋଟେଲରେ ପରଷାଯାଉଛି ବାସିଖାଦ୍ୟ, ଖାଦ୍ୟ ସୁରକ୍ଷା ବିଭାଗ ନିଦାବିଷ୍ଟ

ଜୟପୁର,୨୫/୬(ନି/ପ୍ର): କୋରାପୁଟ ଜିଲାରେ ହୋଟେଲ ରେ ବାସୀ ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି । ବର୍ଦ୍ଧିତ ଜନସଂଖ୍ୟାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲାର ଜୟପୁର , ସେମିଳିଗୁଡା, କୋରାପୁଟ, ବୋରିଗୁମ୍ମା, କୋଟପାଡ, ବୈପାରିଗୁଡା, କୁନ୍ଦୁରା ଅଂଚଳରେ ଛତୁ ଫୁଟିବା ଭଳି ହୋଟେଲ, ରେଷ୍ଟରାଂଟ ଗଢି ଉଠୁଛି । ବର୍ଷା ଦିନ ଆରମ୍ଭ ହୋଇ ଫାଇଥିବା ବେଳେ ତୁରନ୍ତ ପ୍ରଶାସନ ଚଢାଉ କରିବା ପାଇଁ ଜିଲା ବାସୀ ଦାବି କରିଛନ୍ତି । ବର୍ତମାନ ଜିଲାରେ ବାସୀ ଖାଦ୍ୟ ପରସା ଯାଉଥିବା ବେଳେ ଆଗକୁ ଝାଡିବାନ୍ତି ହେବା ଆଶଙ୍କା ଦେଖାଯାଇଛି । ସେଠାରେ ଗ୍ରାହକଙ୍କ ଭିଡ଼ ବି ଜମୁଛି । ଖାଦ୍ୟ ଆଳରେ କିନ୍ତୁ ସେମାନଙ୍କୁ ଜହର ପରଷା ଯାଉଛି । ପ୍ରତିଦିନ ଗ୍ରାହକଙ୍କ ବିଶ୍ୱାସ ସହ ହୋଟେଲ ଓ ରେଷ୍ଟରାଂଟ କର୍ତ୍ତୃପକ୍ଷ ଖେଳୁଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ନିଘୋଡ଼ ନିଦରେ ଶୋଇ ରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ଅଭିଯୋଗ ହେଲେ କାଁ ଭା ଚଢାଉ କରି ନିଜ ଦାୟିତ୍ୱ ତୁଲାଇ ଦେଉଛି ପ୍ରଶାସନ । ପ୍ରତ୍ୟେକ ଦିନ ରାଜ୍ୟର କୋଣ ଅନୁ କୋଣରୁ କୋରାପୁଟ ଜିଲାରୁ ପରିଦର୍ଶନ କରିବାକୁ ଆସି ଅଂଚଳର ବିଭିନ୍ନ ହୋଟେଲରେ ଖାଦ୍ୟ ଖାଉଛନ୍ତି ।।

# ମହାରମ ଉପଲକ୍ଷେ ଶାନ୍ତି କମିଟି ବୈଠକ ସେବା ସୁରକ୍ଷା ନ୍ୟାୟ ମଣ୍ଡପ ଉଦ୍‌ଘାଟନ

ରାଜଗାଙ୍ଗପୁର,୨୫/୬(ନି/ପ୍ର): ଆସନ୍ତା ୨୬ତାରିଖରେ ହେବାକୁ ଥିବା ମହରମ ପର୍ବ ଉପଲକ୍ଷେ ଗତ କାଲି ସନ୍ଧ୍ୟା ସମୟରେ ରାଜଗାଙ୍ଗପୁରଥାନା ପରିସରରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଅଛି କ୍ଷ ପ୍ରଥମେ ଥାନା ପରିସରେ ନିର୍ମାଣ ହୋଇଥିବା ସେବା ସୁରକ୍ଷା ନ୍ୟାୟ ମଣ୍ଡପକୁ ସୁନ୍ଦର ଗଡ଼ ଏସ ପି ଅମୃତ ପାଲ କୌର ଙ୍କ ଉପସ୍ଥିତି ରେ ପର୍ଶ୍ଚିମାଂଚଳ ଡିଆଇଜି ବ୍ରିଜଶ କୁମାର ରାୟ ଉଦଘାଟନ କରିଥିଲେ । ଏହି ଶାନ୍ତି କମିଟିବୈଠକ ରେ ଡିଆଇଜି ବ୍ରିଜଶ କୁମାର ଙ୍କ ନେତୃତ୍ୱ ରେ ଅନୁଷ୍ଠିତ କରା ଯାଇ ସମସ୍ତଙ୍କୁ କିପରି ଶାନ୍ତି ଶୃଙ୍ଖଳା ସହ ଉପସ୍ଥିତ ସବୁ ଧର୍ମର ବ୍ୟକ୍ତିଙ୍କୁ ଅନୁରୋଧ କରି କୌଣସି ଧର୍ମକୁ ଆଘାତ ଲାଗିବ ପରି ସମାଚାର ପ୍ରସାର ନ କରିବା ପାଇଁ ଚେତାବନୀ ଦେଇଥିଲେ । ସୁନ୍ଦରଗଡ଼ ଏସପି ଅମୃତପାଲ କୌର ସମସ୍ତ ଆଖଡ଼ା ଦଳ ଗୁଡିକ ଠିକ ସମୟ ଶୋଭାଯାତ୍ରା ବାହାର କର୍ତ୍ତ୍ୱା ପାଇଁ ପରାମର୍ଶ ଦେଇ ଥିଲେ । ଅତିରିକ୍ତ ଏସ ପି ମହେନ୍ଦ୍ର କୁମାର ମୁର୍ମୁ ଏବଂ ଶାନ୍ତା ସୁମନ ସମଦ ଥାନା ପ୍ରଭାରୀ ବିଜୟ କିଶୋର ଦାଶ ରାଜଗାଙ୍ଗପୁର ତହସିଲଦାର ଗୋପବନ୍ଧୁ ମଲ୍ଲିକ ପୌର ପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ଦଣ୍ଡସେନା ପୌର ପାଳିକା ଅଧକ୍ଷ ମାଧୁରୀ ଲୁଗୁନ ବିଦ୍ୟୁତ ବିଭାଗ ଏସ ଡି ଓ ସଂଜୀବ କୁମାର ମହାନ୍ତି ଜଳ ଯୋଗାଣ ଉପ ଯନ୍ତ୍ରୀ ନିବେଦିତା ବେହେରା ପ୍ରମୁଖ ମହରମ ପର୍ବ ପାଇଁ ସମସ୍ତ ସହଯୋଗ କରିବା ପାଇଁ ପ୍ରତିଶୃତି ପ୍ରଦାନ କରିଥିଲେ ।ଏହି ଶାନ୍ତି କମିଟି ବୈଠକ ରେ ପୂର୍ବତନ ପୌର ଉପାଧକ୍ଷ ଇଫିତି ଖାର ଅହମ୍ମଦ(ପାକାବାବୁ)ପୂର୍ବତନ ପୌର ଉପାଧକ୍ଷ ଅଶୋକ କୁମାର ଦାସ ମୁସିଲିମ କମିଟିର ଏମ ଡି ମସୁଦ ଅମନ ମହମ୍ମଦ ଆରିଫ,କୁତୁ ରବାନୀ, ଜାଫର ମୋବିନ ଅହମ୍ମଦ କଂଗ୍ରେସ ଟାଉନ ସଭାପତି ଦେବ ରଞ୍ଜନ ବିନୋଦ, ବିଜେପି ଟାଉନ ସଭାପତି ରାଜନ ଶୋନୀ ବାରଏସସେନ ର ସଭାପତି ଅଶୋକ କୁମାର ପାଣି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯାଇ ପାରିବ ଏବଂଶୋଭାଯାତ୍ରା ରେ ସମୟ ରେ ବିଭିନ୍ନ ଅସୁବିଧା ଗୁଡିକ ଉପରେ ମତ ବ୍ୟକ୍ତ କରିଥିଲେ । ୯ଟି ଆଖଡ଼ାର ସଭାପତି ସହ କମିଟି ର ସଦସ୍ୟ ବୃନ୍ଦ ବିଭିନ୍ନ ସମ୍ପ୍ରଦାୟ ର ବ୍ୟକ୍ତି ମାନେ ଉପସ୍ଥିତଥିଲେ । ଏହି ଶାନ୍ତି କମିଟି ବୈଠକକୁ ରାଜଗାଙ୍ଗପୁର ଏସ ଡି ପି ଓ ବିଭୁତି ଭୂଷଣ ଭୋଇ ସଂଚାଳନ କରି ଥିଲେ ଶେଷରେ ପୌର ପାଳିକା ଉପ ନଗରପାଳ ଏମ ଡି ଇଫାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ରୋଟାରୀ କ୍ଲବ ଭାଇବ୍ରାଟସର ସମୀକ୍ଷା ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ

ରାଉରକେଲା,୨୫/୬(ନି/ପ୍ର): ରୋଟାରୀ କ୍ଲବ ଅଫ୍ ଭାଇବ୍ରାଟସର ଚଳିତ ବର୍ଷର ସମୀକ୍ଷା ବୈଠକ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଇସ୍ପାତ ମାର୍କେଟ ନିକଟସ୍ଥ ସରୋବର କୋର୍ଟ ଠାରେ ଅନୁଷ୍ଠିତ ହୋଇଯାଇଛି। ଭାଇବ୍ରାଂଟର ସଭାପତି ରୋଟାରୀଆନ ଡ ମୀନତି ପଣ୍ଡାଙ୍କ ଆବାହକତ୍ୱ ଓ ରୋଟାରିଆନ ପିପି ଗଣେଶ୍ୱର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଜିଇ ଆଲାମ ସିଂ ରୂପ୍ରା,ଫାଷ୍ଟ ଲେଡି ହରପାଲ ରୂପ୍ରା,ପିଡିଜି ରୋଟାରିଆନ ଫକୀର ଚରଣ ମହାନ୍ତି, ଆରତୀ ମହାନ୍ତି,ଏଜି ରୋଟାରିଆନ ବ୍ରିଜେଶ ଗୁପ୍ତା ଓ ବରଖା ଗୁପ୍ତା,ରୋଟାରିଆନ ଶ୍ରୀଧର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଅତିଥି ମାନେ ଡଃ ପଣ୍ଡାଙ୍କ ଅମଳରେ ହୋଇଥିବା ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଉପରେ ସମୀକ୍ଷା ଓ ଆଲୋଚନା କରାଯାଇ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ବୋଲି ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରିଆନ ଇଂ ଅଜିତ ମୋହନ ପୁଜାରୀ ସୁମଧୁର ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆସନ୍ତା ବର୍ଷ ପାଇଁ ସଭାପତି ଭାବେ ମନୋନୀତ ହୋଇଥିବା ରୋଟାରିଆନ ଡ ସଞ୍ଜୁକ୍ତା ପତି, ସମସ୍ତ ରୋଟାରିଆନ ସର୍ବଶ୍ରୀ ଆଇପିପି ପ୍ରଶାନ୍ତ ରଞ୍ଜନ ପାତ୍ର, ଉପସଭାପତି ବସନ୍ତ କୁମାର ତନ୍ତୀ, ବିଜୟ ଲକ୍ଷ୍ମୀ ତ୍ରିପାଠୀ, ନିରୁପମା ପତି, ସବିତା ମହାନ୍ତି, ଅଞ୍ଜଳି ହୋତା,ସୋମା ମହାପାତ୍ର,ଅମିତା ଜୈନ,ଡ ନିବେଦିତା ରାୟ ପଟ୍ଟନାୟକ,ଡ ସାଗର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଡ ପଣ୍ଡା ସମସ୍ତଙ୍କ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ଏନ୍‌ଆଇଟି ରାଉରକେଲାର ଦ୍ରୁତ ବିକାଶ ଗାଥାର ମଙ୍ଗୁଆଳ – ପ୍ରଫେସର ଉମାମହେଶ୍ୱର ରାଓ



ରାଉରକେଲା,୨୫/୬(ନି/ପ୍ର): ବେଳେବେଳେ କୌଣସି ଶିକ୍ଷାୟତନର ଯାତ୍ରାପଥରେ ଏପରି ସମୟ ଆସେ - ଗତି କଚ୍ଛପତୁଲ୍ୟ ମନ୍ଥର ହୋଇ - ଜାଣ ଅନୁଷ୍ଠାନ ଏକ ଅଚଳାୟତନ ପରି ପ୍ରତୀୟମାନ ହୁଏ । ଏହି ଉପୀଡ଼କ ସମୟରେ ବିଜୁ-ପ୍ରେରିତ ପରି ଆସନ୍ତି ଜଣେ ଧୀମାନ୍ ଧୃତାତ୍ମା, ଦୂରଦୃଷ୍ଟି ସମ୍ପନ୍ନ ଶିକ୍ଷାବିତ, ଯାହାଙ୍କର ନିଷ୍ଠା, ଉତ୍ସର୍ଗୀକୃତ ଉଦ୍ୟମ ଓ ଦିଗ୍ ?ଦର୍ଶନ ଫଳରେ ଅନୁଷ୍ଠାନ ପୁର୍ନଜନ୍ମ ପାଇ ଦ୍ରୁତ ବିକାଶର ପଥରେ ଅଗ୍ରସର ହୁଏ । ରାଉରକେଲା ଏନ୍‌ଆଇଟି ପାଇଁ ଏହି ରୂପାନ୍ତରକାରୀ ଶିକ୍ଷାବିତ୍ ଭାବେ ଯୋଗ ଦେଇଥିଲେ ପ୍ରଫେସର କେ ଉମା ମହେଶ୍ୱର ରାଓ ୧୮ ଫେବୃୟାରୀ ୨୦୨୨ ରେ । ତା'ଙ୍କ କାର୍ଯ୍ୟକାଳରେ ତାଙ୍କର ସୁଦକ୍ଷ ପରିଚାଳନା, ପ୍ରେରଣା ଓ ଅବିଶ୍ରାନ୍ତ ଉଦ୍ୟମ ଫଳରେ ଆମ ଶିକ୍ଷାତୀର୍ଥର ଯେପରି ରୂପାନ୍ତର ତୁଲ୍ୟ ଉଦ୍ଭାୟନ ହୋଇଛି, ରାଉରକେଲାବାସୀଙ୍କ ଅବଗତି ପାଇଁ ତାହାର ସଂକ୍ଷିପ୍ତ ବିବରଣୀ ଦେବା ଏ ଆଲେଖ୍ୟର ଅଭିପ୍ରାୟ। ପ୍ରଗତିରେ ମୁଖ୍ୟ ଅବଦାନ ଥାଏ ରାଙ୍କିଙ୍ଗ ର । କେତୋଟି ସରକାରୀ ଓ ବେସରକାରୀ ସଂସ୍ଥା ରାଙ୍କିଙ୍ଗ୍ ପାଇଁ ସାମଗ୍ରିକ ଉଦ୍ୟମକୁ ବୃଦ୍ଧି ଭାବେ ଗ୍ରହଣ କରିଛନ୍ତି । ଏହା ଶିକ୍ଷାନୁଷ୍ଠାନ ମାନଙ୍କର ଉତ୍କର୍ଷତାର ମାନଦଣ୍ଡ, ସାମଗ୍ରିକ ସ୍ଥିତି ଓ ପ୍ରଗତିର ତୁଳନାତ୍ମକ ଚିତ୍ର । ପୃଥିବୀର ପ୍ରାୟ ଅଧିକାଂଶ ଉଚ୍ଚ ଶିକ୍ଷାନୁଷ୍ଠାନ ଏହି ରାଙ୍କିଙ୍ଗ୍ ପ୍ରକ୍ରିୟାରେ ଭାଗ ନିଅନ୍ତି । ୨୦୨୩ ଠାରୁ ଆମ ଅନୁଷ୍ଠାନ ବର୍ଷ ପରେ ବର୍ଷ ଦ୍ରୁତ ଆରୋହଣ ଫଳରେ ଏ ବର୍ଷ ଗୋଟିଏ ବେସରକାରୀ ସଂସ୍ଥାର ଆକଳନରେ ସମଗ୍ର ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କ ମଧ୍ୟରେ ଅଷ୍ଟମ ଏବଂ କେବଳ ଏନ୍‌ଆଇଟି ମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି । ସରକାରୀ ଘଓଜର-୨୦୨୫ ଇଂଜିନିୟରିଂ ରାଙ୍କିଙ୍ଗ୍‌ରେ ସର୍ବଭାରତୀୟ ସ୍ତରରେ ତ୍ରୟୋଦଶ (୧୩ତମ) ସ୍ଥାନ ଅଧିକାର କରିଛି । ସାରା ପୃଥିବୀରେ ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ଗବେଷଣାକୁ ସର୍ବୋଚ୍ଚ ମୂଲ୍ୟ ଦିଆଯାଏ ଓ ଶ୍ରେଷ୍ଠ ଗବେଷକ ମାନେ ଅନୁଷ୍ଠାନର ମୁକୁଟରେ ଅମୂଲ୍ୟ ରତ୍ନ ଭାବେ ଶୋଭା ପାଉଥାନ୍ତି । ପ୍ରିନସ୍ଟନ୍ ବିଶ୍ୱବିଦ୍ୟାଳୟ ଆଇନ୍‌ଷ୍ଟାଇନ୍‌ଙ୍କ ଗବେଷଣା ପାଇଁ ବିଶ୍ୱବିଶ୍ରୁତି ହୋଇଛି । ପ୍ରଫେସର ରାଓଙ୍କ ପ୍ରେରଣାରେ ଉତ୍ସାହିତ ଅଧ୍ୟାପକ ଓ ଛାତ୍ର ଗବେଷକ ମାନେ ଗବେଷଣା ପ୍ରୟାସକୁ ପୂର୍ବ ସମୟ ତୁଳନାରେ ବହୁଗୁଣିତ କରିଛନ୍ତି । ପ୍ରତି ସପ୍ତାହରେ ପେଟେଟ ଲାଭ କରିବା ସମ୍ବାଦ ପ୍ରକାଶିତ ହେଉଛି । ଆମ ପ୍ରତିଷ୍ଠାନ ଏହି କାଳଖଣ୍ଡରେ ଶହେରୁ ଉର୍ଦ୍ଧ୍ୱ ଉପଯୋଗୀ ପ୍ୟାଟେଟ ଦେଶବାସୀଙ୍କୁ ଦାନ କରିବାର ଗୌରବ ଲାଭ କରିଛି । ୩୩ଜଣ ଅଧ୍ୟାପକ ଓ ଦୁଇ ଜଣ ଶିକ୍ଷାର୍ଥୀ ଗବେଷକ ବିଶ୍ୱବିଷ୍ଣୃତ ଷ୍ଟାନ୍‌ଫୋର୍ଡ଼ ବିଶ୍ୱବିଦ୍ୟାଳୟର ଆକଳନରେ ପୃଥିବୀର ଶତକଡ଼ା ଦୁଇ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଛନ୍ତି । ସ୍ଥାବର ସମ୍ପତି ଆମ ସମୟରେ ସମୁଦାୟ ଛାତ୍ର ସଂଖ୍ୟା ପ୍ରାୟ ତେର ଶହ, ଯହିଁରୁ ମାତ୍ର ୫/୬ଜଣ ଛାତ୍ରୀ ଥିଲେ । ଏବେ ଛାତ୍ରଛାତ୍ରୀ ସଂଖ୍ୟା ଆଠ ହଜାରରୁ ଉର୍ଦ୍ଧ୍ୱ, ଯହିଁରୁ ୨୫୦୦ ରୁ ଉର୍ଦ୍ଧ୍ୱ ଛାତ୍ରୀ, ହଷ୍ଟେଲ୍ ଅଭାବରୁ ସେମାନେ ଭୟଙ୍କର ଅସୁବିଧାରେ ଥିଲେ । ସରକାରୀ ଅନୁଦାନ ନ ମିଳିବାରୁ ଆଜୀବନ ମାଇନିଂ ପ୍ରଫେସର ଭାବେ ଅଧ୍ୟାପନା ଓ ଗବେଷଣା କରିଥିବା ପ୍ରଫେସର ରାଓ ମହାନଦୀ କୋଲ ଫିଲ୍ଡ ଠାରୁ ଗୋଟିଏ ୫୦୦ ଶଯ୍ୟା ବିଶିଷ୍ଟ ମହିଳା ହଷ୍ଟେଲ୍ ଓ ଗୋଟିଏ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ୪୦ କୋଟିରୁ ଉର୍ଦ୍ଧ୍ୱ ଅନୁଦାନ ସଂଗ୍ରହ କରିଛନ୍ତି । ଛାତ୍ରାବାସର କାର୍ଯ୍ୟ ଦ୍ରୁତଗତିରେ ଚାଲିଛି । ଗ୍ରୀଷ୍ମ ଛୁଟି ପରେ କେନ୍ଦ୍ରୀୟ ବିଦ୍ୟାଳୟ ନୂତନ ଗୃହକୁ ସ୍ଥାନାନ୍ତରିତ ହୋଇଛି । ପ୍ରଫେସର ରାଓଙ୍କ ଏହି ଉଦ୍ୟମ ଅକଳ୍ପନୀୟ ଓ ଅତୀବ ପ୍ରଶଂସନୀୟ । ନୂତନ ଉଦ୍ଭାବନ ତୁଲ୍ୟ ଷ୍ଟାର୍ଟଅପ୍ ପ୍ରୟାସରେ ମଧ୍ୟ ପ୍ରଶଂସନୀୟ ଉଦ୍ୟମ ଅବାରିତ ରହିଛି ।

# ଏସ ଆଇ ଆର୍ ଉପରେ ରାଜନୈତିକ ଦଳଗୁଡ଼ିକ ସହିତ ବୈଠକ



ସୁନ୍ଦରଗଡ଼, ୨୫/୬(ନି/ପ୍ର): ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସ ଆଇ ଆର୍ ଅନ୍ତର୍ଗତ ପରିଗଣନା ଫର୍ମ ବଟଂନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଚିଂଛି। ଇତି ମଧ୍ୟରେ ଜିଲ୍ଲାର ସମସ୍ତ ସାତ ଟି(୭ ଗୋଟି) ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପରିଗଣନା ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ମଧ୍ୟ ସଫଳତାର ସହ ସମ୍ପୂର୍ଣ୍ଣ ହେଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ସଦଭାବନା ଭବନ ଠାରେ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂରଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସମସ୍ତ ରାଜନୈତିକ ଦଳ ସହିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜଗାଙ୍ଗପୁର ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଶ୍ରୀ ଅଭିମନ୍ୟୁ ମାଝୀ, ତଳସରା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା ଏବଂ ରାଜ୍ୟର ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ମୋଟ ୧୪୬୪୫୪୭ ଜଣ ଭୋଟର ରହିଛନ୍ତି। ସେହିଭଳି ୧୩୭୬୯୧୨ ଗୋଟି (୯୪%) ପରିଗଣନା ଫର୍ମ ର ଡିଜିଟାଇଜେସନ ହୋଇଅଛି ଏବଂ ଅବଶିଷ୍ଟ ୬% କୁ ଅନୁପସ୍ଥିତ, ସ୍ଥାନାନ୍ତର , ମୃତ୍ୟୁ ତାଲିକା ରେ (ଇଝଉ କ୍ଷସବ୍ପସ୍ତ) ଅନ୍ତର୍ଭୁକ୍ତ କରାଯାଇଅଛି। ବୈଠକରେ ଉପସ୍ଥିତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଭୋଟର ତାଲିକା ଏବଂ ଇଝଉ ତାଲିକା ର ତଥ୍ୟ ପ୍ରଦାନ କରାଯାଇଅଛି। ସେହିଭଳି ବି.ଏଲ୍.ଓ ଏବଂ ବୁଥ ସ୍ତରୀୟ ଏଜେଂଟମାନଙ୍କ ମଧ୍ୟରେ ସମନ୍ୱୟ ବୈଠକ କରିବାକୁ ଆଲୋଚନା କରାଯାଇଅଛି। ସମସ୍ତ ବି ଏଲ ଓ ମାନେ ସେମାନଙ୍କ ସମ୍ପୃକ୍ତ ବୁଥ ସ୍ତରୀୟ ଏଜେଂଟମାନଙ୍କ ସହ ବୈଠକ କରି ଏହି ଇଝଉ ତାଲିକା ଉପରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ସେହିଭଳି ଯଦି ଅବଶିଷ୍ଟ ୬ ପ୍ରତିଶତ (ଇଝଉ ତାଲିକା) ମଧ୍ୟରେ କୌଣସି ଯୋଗ୍ୟ ଭୋଟର ଥାଆନ୍ତି, ତେବେ ତାଙ୍କୁ ତୁରନ୍ତ ଚିହ୍ନଟ କରି ଭୋଟର ତାଲିକାରେ ସାମିଲ କରିବାରେ ସହଯୋଗ କରିବାକୁ ସମସ୍ତ ରାଜନୈତିକ ଦଳ ମାନଙ୍କୁ ପ୍ରସାଶନ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିରେ ସମସ୍ତ ରାଜନୈତିକ ଦଳ ମାନେ ମଧ୍ୟ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରିବେ ବୋଲି କହିଥିଲେ ଏବଂ ଏଥି ନିମନ୍ତେ ବୁଥ ସ୍ତରୀୟ ଅଧିକାରୀ ମାନେ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବେ ବୋଲି କହିଥିଲେ। ଏହି ଅବସରରେ ଭୋଟର ତାଲିକା କୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ବୈଠକରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯଥା - ଶ୍ରୀ ଭେଷଜ ରଥ, ଶ୍ରୀ ଜୟ ନାରାୟଣ ତ୍ରିପାଠୀ, ଶ୍ରୀ ଅଜିତ ପ୍ରସାଦ, ଶ୍ରୀ ଅମିୟ କୁମାର ପ୍ରଧାନ, ଶ୍ରୀମତୀ କୁସୁମ ଟେଟେ ପ୍ରମୁଖ ଉପସ୍ଥିତ ଥିଲେ।